ବର୍ଷ-୨୬, ସଂଖ୍ୟା-୪୦
ଭୁବନେଶ୍ୱର
୧୦, ଫେବୃଆରୀ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 40
Bhubaneswar
10, February, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

ଲୁଚି ଲୁଚି ନିର୍ବନ୍ଧ କଲେ ଅଭିନେତ୍ରୀ ଜିଆ ଶଙ୍କର



## ଫରିଦାବାଦ ଜେଲ୍‌ରେ ଆତଙ୍କବାଦୀ ଅବଦୁଲ ରହମାନଙ୍କୁ ହତ୍ୟା

ଫରିଦାବାଦ,୯।୨(ମହାଭାରତ): ରବିବାର ବିଳମ୍ବିତ ରାତିରେ ଫରିଦାବାଦ ଜେଲ୍ ରେ କଏଦୀମାନଙ୍କ ମଧ୍ୟରେ ସଂଘର୍ଷ ସମୟରେ ଆତଙ୍କବାଦୀ ଅବଦୁଲ ରହମାନ ନିହତ ହୋଇଥିଲା। ମୃତ ଆତଙ୍କବାଦୀକୁ ସମ୍ପ୍ରତି ଜମ୍ମୁ-କାଶ୍ମୀରରୁ ଫରିଦାବାଦ ଜେଲ୍ କୁ ସ୍ଥାନାନ୍ତର କରାଯାଇଥିଲା। ସେହି ଜେଲ୍ ରେ ଥିବା ଜଣେ କଏଦୀ ଅରୁଣ ଚୌଧୁରୀ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି ।

ଘଟଣା ପରେ, ସମସ୍ତ କଏଦୀଙ୍କୁ ସେମାନଙ୍କ ବାରାକରେ ସୀମିତ ରଖାଯାଇଥିଲା। ସୋମବାର ସକାଳେ ଏକ ଗଣତି ସମୟରେ ଜେଲ୍ କର୍ତ୍ତୃପକ୍ଷ ଆତଙ୍କବାଦୀ ଅବଦୁଲ ରହମାନର ହତ୍ୟା ବିଷୟରେ ଜାଣିବାକୁ ପାଇଥିଲେ। ପୋଲିସ ମୃତଦେହକୁ ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛି। ଫରିଦାବାଦ ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ଆତଙ୍କବାଦୀ ଅବଦୁଲ ରହମାନକୁ ଗୁଇନ୍ଦା ବ୍ୟୁରୋ (ଆଇବି) ଦ୍ୱାରା ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ସହାୟତାରେ ପାଲି ଗ୍ରାମ ନିକଟରୁ ୨ ମାର୍ଚ୍ଚ, ୨୦୨୫ ରେ ଦୁଇଟି ହାତ ବୋମା ସହିତ ଗିରଫ କରାଯାଇଥିଲା। ସେ ଅଯୋଧ୍ୟା ଉପରେ ଆକ୍ରମଣ କରିବାକୁ ଷଡଯନ୍ତ୍ର କରିଥିଲା। ଅବଦୁଲ ରହମାନ ଅଲ କାଏଦ ଇନ ଇଣ୍ଡିଆନ ସବ୍ କଂଟେନେଂଟ (ଏକ୍ୟୁଆଇଏସ)ର କୁଖ୍ୟାତ ଆତଙ୍କବାଦୀ ଆବୁ ସୁଫିଆନ ସହ ଯୋଗାଯୋଗରେ ଥିଲା।

# ଲୋକଙ୍କ ସମସ୍ୟାର ସମାଧାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୨(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଆଜି ଥିଲା ୧୭ତମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ। ମୁଖ୍ୟମନ୍ତ୍ରୀଙ୍କ ସହିତ ୫ ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

ପ୍ରତ୍ୟେକ ଥର ପରି ମୁଖ୍ୟମନ୍ତ୍ରୀ ପ୍ରଥମେ ଆସି ପ୍ରକୋଷ୍ଠ ବାହାରେ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ଓ ଅଭିଯୋଗ ଶୁଣି ସମାଧାନ ପାଇଁ ବିହିତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୁଦାୟ ୩୨ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ଜଟିଳ ରୋଗରେ ପିଡୀତ ଥିବା ଭଦ୍ରକ ଜିଲ୍ଲାର ବ୍ରଜକିଶୋର ବନ୍ଧାଙ୍କୁ ୧ ଲକ୍ଷ ଟଙ୍କା ଓ ଯାଜପୁର ଜିଲ୍ଲାର କାର୍ତ୍ତିକ ସି ଙ୍କୁ ୧.୫୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରିଥିଲେ। ଏଥି ସହିତ ଚିକିତ୍ସା ଆବଶ୍ୟକ କରୁଥିବା ଅନ୍ୟ ଅଭିଯୋଗକାରୀଙ୍କ ଦରଖାସ୍ତ ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ସୁଦୂର ପାଟଣାଗଡରୁ ଆସିଥିବା ଉଭୟ କିଡନୀ ଓ ସ୍ନାୟୁଗତ ରୋଗରେ ପିଡୀତା ତିଲୋତ୍ତମା ପାଣ୍ଡେଙ୍କ ଯିବା ଆସିବା ଖର୍ଚ୍ଚ ସହିତ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପିଡୀତ ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସହୃଦୟତାର ସହିତ ସେମାନଙ୍କର ସମସ୍ୟା ଓ ଅଭିଯୋଗ ଶୁଣି ମୁଖ୍ୟମନ୍ତ୍ରୀ ଆଶୁ ସମାଧାନ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ କରିଥିବା ଅନ୍ୟ ସମସ୍ତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ।




**୧୬ତମ ପାଳି ସୁଦ୍ଧା ୯୪% ଅଭିଯୋଗର ସମାଧାନ**

**ମୁଖ୍ୟମନ୍ତ୍ରୀଙ୍କ ସହିତ ୫ ଜଣ ମନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶାସନ ସଚିବ ଓ ପଦାଧିକାରୀ ଲୋକମାନଙ୍କ ଅଭିଯୋଗ ଶୁଣିଲେ**

**ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲ୍ଲାସ୍ତରରେ ସୁଫଳ ପରିଲକ୍ଷିତ**

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୬ଟି ପାଳିସୁଦ୍ଧା ଗ୍ରହଣ କରାଯାଇଥିବା ୧୪,୦୫୪ଟି ଅଭିଯୋଗ ମଧ୍ୟରୁ ୧୩,୧୬୯ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡା ୯୪ ପ୍ରତିଶତ ଅଟେ। ବକେୟା ଅଭିଯୋଗ ଗୁଡିକ ପ୍ରକ୍ରିୟା ମଧ୍ୟରେ ରହିଛି। ଏହି ଅବସରରେ ଗଣମାଧ୍ୟମରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେଉଛି ଆମ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଚଳିତ ନୂଆ ବର୍ଷରେ ପ୍ରଶାସନକୁ ଅଧିକ ଲୋକଭିମୁଖୀ କରିବା ପାଇଁ ଦିଆଯାଇଥିବା ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣି ତାର ସମାଧାନ ଦିଗରେ ଯତ୍ନବାନ ହେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରରେ ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲ୍ଲାସ୍ତରରେ ମଧ୍ୟ ଏହାର ସୁଫଳ ପରିଲକ୍ଷିତ ହେଉଛି। ଏବେ ଜିଲ୍ଲାପାଳ ଓ ଏସ.ପି ମାନେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି। ଅଭିଯୋଗ ଶୁଣାଣି ବ୍ୟବସ୍ଥା ସାରା ରାଜ୍ୟରେ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟା ଶାସନ ସଚିବ ସୁରେନ୍ଦ୍ର କୁମାର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟ ମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ଏବଂ ଅନ୍ୟ ବିଭାଗ ଗୁଡିକର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

## ପ୍ରେମିକର ତଣ୍ଟି କାଟିଦେଲା ପ୍ରେମିକା

ଭୁବନେଶ୍ୱର,୯।୨(ମହାଭାରତ): ଭୁବନେଶ୍ୱରରେ ଚାଞ୍ଚଲ୍ୟ। ପୁଣି ଗଡିଲା ରାଜଧାନୀରେ ମୁଣ୍ଡ। ଚନ୍ଦ୍ରଶେଖରପୁରରେ ହତ୍ୟାକାଣ୍ଡ। ବିଳମ୍ବିତ ରାତିରେ ହୋଇଛି ହତ୍ୟାକାଣ୍ଡ। ମଙ୍ଗଳା ମନ୍ଦିର ଛକରେ ଆକ୍ରମଣର ଶିକାର ହୋଇଛନ୍ତି ଯୁବକ। ନୀଳାଦ୍ରି ବିହାରରେ ଭଡ଼ାରେ ରହୁଥିଲେ ଯୁବକ। ଭଡ଼ା ଘରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଂଚି ଛାନଭିନ୍ କରିଛି।

ନୀଳାଦ୍ରି ବିହାରରେ ହତ୍ୟାକାଣ୍ଡ ଘଟଣାରେ ସାମ୍ନାକୁ ଆସିଲା ଚାଞ୍ଚଲ୍ୟକର ତଥ୍ୟ । ପ୍ରେମ ସମ୍ପର୍କ ବିଷୟରେ ଜାଣିଦେଲେ ବୋଲି ତଣ୍ଟି କାଟି ହତ୍ୟା କଲେ ପ୍ରେମିକା । ସୂଚନାଅନୁଯାଇ ମୃତକ ସତ୍ୟବ୍ରତ ପ୍ରଧାନ ଏବଂ ଲିଜାକାଣ୍ଡି ନୀଳାଦ୍ରି ବିହାରରେ ଏକଭଡ଼ାଘରେ ଲିଭ ଇନ

**ବ୍ରିଜରୁ କାର୍ ଖସିବା ଘଟଣାର ପର୍ଦ୍ଦାଫାଶ**

ରିଲେସନସିପରେ ରହୁଥିଲେ । ପ୍ରେମିକା ଲିଜା କାଣ୍ଡିର ପୂର୍ବ ପ୍ରେମ ସମ୍ପର୍କ ବିଷୟରେ ଜାଣି ଦେଇଥିଲେ ମୃତକ ସତ୍ୟବ୍ରତ । ସତ୍ୟବ୍ରତ ପ୍ରଧାନ ଜଣେ ଟାକ୍ସି ଡ୍ରାଇଭର । ଏହାପରେ ଲିଜା ସହ ହୋଇଥିଲା ପାଟିତୁଣ୍ଡ। ପୂର୍ବତନ ପ୍ରେମିକ ଦିନେଶ କାଣ୍ଡିଙ୍କ ସହ ମିଶି ରଚିଥିଲେ ହତ୍ୟା ଷଡ଼ଯନ୍ତ୍ର । ଗତକାଲି ରାତିରେ ସତ୍ୟବ୍ରତଙ୍କୁ ଯୋଜନା ମୁତାବକ ଛୁରୀରେ ତଣ୍ଟିକାଟି ହତ୍ୟା କରିଥିଲେ । ସତ୍ୟବ୍ରତ ହତ୍ୟା ହୋଇଯାଇଥିବା ଜାଣି ଟାକ୍ସି ଗାଡି ମାଲିକ ଅନ୍ୟ ଏକ ଡ୍ରାଇଭରକୁ କହି ସତ୍ୟବ୍ରତ ଚଲଉଠିବା ଗାଡିକୁ ବ୍ରହ୍ମଗିରି ନେଇ ଯାଉଥିଲେ । ସେହି ସମୟରେ ଶିଶୁଭବନ ଛକରେ ଗାଡି ଓଭରବ୍ରିଜ ତଳକୁ ଖସି ପଡିଥିଲା । ଏହାପରେ ପୋଲିସ ପ୍ରେମିକା ଲିଜା ଭୋଇ ଏବଂ ପୂର୍ବତନ ପ୍ରେମିକ ଦିନେଶ କାଣ୍ଡିଙ୍କୁ ଅଟକ ରଖି ଖୋଳତାଡ଼ କରୁଛି ଚନ୍ଦ୍ରଶେଖରପୁର ଥାନା ପୋଲିସ ।

## ଜାଗର ପ୍ରସ୍ତୁତି ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଲିଙ୍ଗରାଜ ମହାପ୍ରଭୁଙ୍କ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ନିଷ୍ପତି : ମେୟର**

ଭୁବନେଶ୍ୱର,୯।୨(ମହାଭାରତ): ଲିଙ୍ଗରାଜ ମନ୍ଦିର ଜାଗର ପ୍ରସ୍ତୁତି ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ । ଲୋକସେବା ଭବନର ଆଇନ ବିଭାଗର ସମ୍ମିଳନୀ କକ୍ଷରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି । ଲିଙ୍ଗରାଜ ମହାପ୍ରଭୁଙ୍କ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି । ସହର ସାରା ଆଧାତ୍ମିକତା ପରିବେଶ ସୃଷ୍ଟି ହେବ। ଶୃଙ୍ଖଳିତ ଦର୍ଶନ ଓ ନୀତିକାନ୍ତି ସଠିକ୍ ସମୟରେ କରାଯିବା ଉପରେ ଆଜିର ବୈଠକରେ ଆଲୋଚନା ହୋଇଛି। ଲୋକସେବା ଭବନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକ ଏକାମ୍ର ବିଧାୟକ, ଭୁବନେଶ୍ୱର ମେୟର ଓ ଖୋର୍ଦ୍ଧା ଜିଲ୍ଲାପାଳ ଓ ଦେବୋତ୍ତର ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ମାଟ୍ରିକ୍ ପରୀକ୍ଷା ପାଇଁ କାଲିଠୁ ପଠାଯିବ ପ୍ରଶ୍ନପତ୍ର

ଭୁବନେଶ୍ୱର , ୯।୨(ମହାଭାରତ):ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା। ମାଟ୍ରିକ୍ ପାଇଁ ୫ ଲକ୍ଷ ୬୧ ହଜାର ୯୭୯ ପିଲା ଫର୍ମ ଫିଲ୍ ଅପ୍ କରିଛନ୍ତି ।୩୦୮୨ ସେଂଟରରେ ମାଟ୍ରିକ୍ ପରୀକ୍ଷା କରାଯାଉଛି। ଏଥିପାଇଁ ଆସନ୍ତାକାଲିଠାରୁ ପ୍ରଶ୍ନପତ୍ର ପଠାଯିବା ଆରମ୍ଭ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଥମେ ୪ଟି ଜିଲ୍ଲାକୁ ପ୍ରଶ୍ନପତ୍ର ପଠାଯିବ । ବୋର୍ଡ ସଭାପତି କହିଛନ୍ତି ଯେ ପ୍ରଶ୍ନପତ୍ର ରଖିବା ପାଇଁ ୩୨୨ଟି ନୋଡାଲ୍ ସେଂଟର ରହିଛି। ସମସ୍ତ ସେଂଟରରେ ସିସିଟିଭି ବ୍ୟବସ୍ଥା କରାଯାଇଛି । ଜଣେ ବୋର୍ଡ ଅଫିସରେ ବସି ସିସିଟିଭିରେ ସବୁ ଦେଖିପାରିବ। ସବୁ ସେଂଟରରେ କ୍ୟାମେରା ଲଗାଯାଉଛି । ପରୀକ୍ଷା କିପରି ଚାଲିଛି ବୋର୍ଡର କମାଣ୍ଡ କଂଟ୍ରୋଲ ରୁମ୍ ରୁ ଦେଖିହେବ ।ପ୍ରଶ୍ନପତ୍ର ରଖିବା ପାଇଁ ଷ୍ଟ୍ରଙ୍ଗରୁମ୍ ଭଳି ବ୍ୟବସ୍ଥା କରାଯାଇଛି । ବୋର୍ଡ ଅଫିସରୁ ପ୍ରଶ୍ନପତ୍ର କେଉଁ ରୁଟରେ ଯିବ ଓ କେଉଁଠି ରହିବ, ସେ ସବୁ ସ୍ଥିର କରାଯାଇଛି । ତେବେ ନକ୍ସଲ ପ୍ରଭାବିତ କନ୍ଧମାଳ ଓ ମାଲକାନଗିରି ଜିଲ୍ଲାର ୧୭ଟି ଥାନାରେ ସୁରକ୍ଷା ଦୃଷ୍ଟିରୁ ପ୍ରଶ୍ନପତ୍ର ରଖାଯିବ ବୋଲି ସେ କହିଛନ୍ତି । ପ୍ରଶ୍ନପତ୍ର ଯାଉଥିବା ଗାଡିରେ ଜିପିଏସ୍ ଲାଗିଥିବା କହିଛନ୍ତି ବୋର୍ଡ ସଭାପତି । ଅଭିଯୋଗ ଥିବା ଗତ ବର୍ଷର କିଛି ସେଂଟରକୁ ଏ ବର୍ଷ ସେଂଟର କରାଯାଇନି । ଆସନ୍ତା ୧୭ ସୁଦ୍ଧା ନିର୍ଦ୍ଧାରିତ ସ୍ଥାନରେ ପ୍ରଶ୍ନପତ୍ର ପହଂଚିଯିବ ।

## ଧାନ କିଣାକୁ ସହଜ ଓ ସରଳ କରାଯିବ : ମନମୋହନ

ଭୁବନେଶ୍ୱର,୯।୨: ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି ପ୍ରସଙ୍ଗରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ନବୀନଙ୍କୁ କଡ଼ା କାଉଂଟର କରି ମନମୋହନ କହିଛନ୍ତି ଯେଉଁମାନେ ଧାନ କିଣା ବିଷୟରେ କହୁଛନ୍ତି, ସେମାନଙ୍କର କହିବାର ଅଧିକାର ନାହିଁ। ଧାନ କିଣାରେ ଯେଉଁମାନେ ବିଭ୍ରାଟ କରିଥିଲେ, ସେମାନେ ଧାନ କିଣା ବିଷୟରେ କହିବାର ଅଧିକାର ନାହିଁ । ଧାନ କିଣାକୁ ସହଜ ଓ ସରଳ କରିବା ପାଇଁ ସରକାର ସବୁ ପ୍ରକାର ଉଦ୍ୟମ କରିଛନ୍ତି । କୁଇଂଟାଲ ପିଛା ଆମେ ୮୦୦ ଟଙ୍କା ଇନପୁଟ ସହାୟତା ଦେଉଛୁ । ସେମାନେ ଅଧିକ ୫୦ କି ୧୦୦ ଦେଇ ପାରିଲେ ନାହିଁ ।

## ମଣ୍ଡି ଓ ଧାନ ସଂଗ୍ରହକୁ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର,୯।୨(ମହାଭାରତ): ଧାନ ସଂଗ୍ରହ ସମୟରେ ଆମ ରାଜ୍ୟର ଅନ୍ନଦାତାମାନେ କିପରି ବ୍ୟବସ୍ଥାଗତ ଶୋଷଣ ଓ ତଦ୍‌ଜନିତ କଷଣର ସମ୍ମୁଖୀନ ହେଉଛନ୍ତି, ସେ ସମ୍ପର୍କରେ ଦୁଃଖର ସହ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି। କୃଷି ହେଉଛି ଓଡିଶାର ଜୀବନ ରେଖା । ତଥାପି ପ୍ରଶାସନିକ ଉଦାସୀନତା ଓ ଲୋକଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଳନରେ ବିଫଳତା ଯୋଗୁ ଚଳିତ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆମ ଚାଷୀ ମାନଙ୍କ ପାଇଁ ଏକ ସଂଘର୍ଷମୟ ସ୍ଥିତି ସୃଷ୍ଟି କରିଛି । ୨୦୨୪ ନିର୍ବାଚନ ସମୟରେ ବିଜେପିର ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀ-ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା ସମ୍ପର୍କରେ ଆମର ଚାଷୀ ଭାଇ ଭଉଣୀ ମାନଙ୍କୁ ପ୍ରତିଶ୍ରୁତି ଦିଆ ଯାଇଥିଲା । କିନ୍ତୁ ବାସ୍ତବ ସ୍ଥିତି ହେଉଛି ଯେ ରାଜ୍ୟରେ ଥିବା ମଣ୍ଡି ଗୁଡିକ ଏବେ ନିର୍ଯାତନାର କେନ୍ଦ୍ର ପାଲଟି ଯାଇଛି। ମୁଁ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକରେ ଆପଣଙ୍କର ଜରୁରୀ ହସ୍ତକ୍ଷେପ ଆଶା କରୁଅଛି । କଟନୀ-ଛଟନୀ : ଅନ୍ନଦାତା ମାନଙ୍କଠାରୁ ବିନା କୌଣସି ଅସୁବିଧାରେ ଧାନ ସଂଗ୍ରହ କରିବାକୁ ଆପଣଙ୍କ ସରକାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଆଦ୍ରତା ଓ ନିମ୍ନ ମାନର ଧାନ ଆଦି ବିଭିନ୍ନ ଆଳରେ



ସେମାନଙ୍କ ଠାରୁ କ୍ୱିଣ୍ଟାଲ ପିଛା ୫ ରୁ ୭ କେଜି ପର୍ଯ୍ୟନ୍ତ କଟନୀ-ଛଟନୀ କରିବା ପରିତାପର ବିଷୟ । ଅନେକ ଜିଲ୍ଲାରେ ଏଭଳି ଶୋଷଣ ଚାଷୀ ମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି । ମିଲର ଓ ସ୍ଥାନୀୟ ଅଧିକାରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନେ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଉନାହାନ୍ତି । ନିର୍ବାଚନ ସମୟରେ ବିଜେପି ଦେଇଥିବା ମିଥ୍ୟା ପ୍ରତିଶ୍ରୁତିର ଏହା ଏକ ଉଦାହରଣ ନୁହେଁ କି ? କେବେ ଏ କଟନୀ-ଛଟନୀ ବନ୍ଦ ହେବ ? ଆପଣଙ୍କ ସରକାର ନିର୍ବାଚନ ପ୍ରତିଶ୍ରୁତି କେବେ ପାଳନ କରିବ ? ନିର୍ବାଚନ ଇସ୍ତାହାର ମୁତାବକ ଚାଷୀ କେବେ ନ୍ୟାୟ ପାଇବ ? ଅ.ପୃ.ଦେ. -୨- ଇନପୁଟ ସବ୍‌ସିଡି ପ୍ରଦାନ ପାଇଁ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ : ରାଜ୍ୟର ସବୁ ଚାଷୀ ଭାଇ ଭଉଣୀଙ୍କୁ କ୍ୱିଣ୍ଟାଲ ପିଛା ଇନପୁଟ୍ ସବ୍‌ସିଡି ୮୦୦ ଟଙ୍କା ଲେଖାଏଁ ଦେବା ପାଇଁ ବିଜେପି ସରକାର ଘୋଷଣା କରିଥିଲେ । କିନ୍ତୁ ନିକଟରେ ଆପଣଙ୍କ ସରକାର ଏହି ସବ୍‌ସିଡି ପାଇଁ ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ଧାର୍ଯ୍ୟ କରିବା ପ୍ରତିଶ୍ରୁତି ଭଙ୍ଗର ନିଛକ ଉଦାହରଣ । ଏହି ସିଲିଙ୍ଗ୍ ଅଧିକ ଉତ୍ପାଦନ କରୁଥିବା ଚାଷୀ ମାନଙ୍କ ପାଇଁ ଦଣ୍ଡ ସ୍ୱରୁପ ଏବଂ ଏହା ବିଜେପେ ସଂକଳ୍ପ ପତ୍ରର ବିରୁଦ୍ଧାଚରଣ କରୁଛି।

## ଅବସରପ୍ରାପ୍ତଙ୍କୁ ମିଳିବ ବରିଷ୍ଠ ଓଏଏସ୍ ଦରମା

ଭୁବନେଶ୍ୱର,୯।୨(ମହାଭାରତ): ୨୭ବର୍ଷ ପରେ ୧୭ଜଣଙ୍କୁ ନ୍ୟାୟ । ଅବସରପ୍ରାପ୍ତଙ୍କୁ ମିଳିବ ବରିଷ୍ଠ ଓଏଏସ୍ ଦରମା । ତତ୍କାଳୀନ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତି ଯୋଗୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରୁ ବଞ୍ଚିତ ଅଧିକାରୀମାନେ ଏବେ ତାଙ୍କ ହକ୍ ପାଇଛନ୍ତି।

୧୭ଜଣଙ୍କୁ ନ୍ୟାୟ ମିଳିଥିବାବେଳେ ସେଥିମଧ୍ୟରୁ ୨ଜଣ ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ଓଏଏସ୍ ଅଧିକାରୀ ଭାବେ ନୋସନାଲୀ ପେନ୍‌ସନ ଦେବାକୁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ନାମା ଜାରି ହୋଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯୯୯ ମସିହାରେ ଓଏଏସ୍‌ରୁ ବଞ୍ଚିତ ଥିବା ୧୫ଜଣ ବିଭିନ୍ନ କ୍ୟାଡର ଅଧିକାରୀଙ୍କୁ ଓଏଏସ୍ କ୍ୟାଡରରେ ଫିକ୍ସଡ କରାଯାଇଛି।

ବରିଷ୍ଠତା ଦୃଷ୍ଟିରୁ କିଏ କେଉଁଠାରେ ରହିବେ ସେନେଇ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଅବସର ନେଇଥିବା ଶ୍ୟାମ ପ୍ରସାଦ ରାଉତ ଏବଂ ସିଦ୍ଧାର୍ଥ ଶଙ୍କର ପାଣି ଏବେ ନୋସନାଲୀ ଓଏଏସ୍ ପେନ୍‌ସନ ପାଇବେ। ସେହିପରି ଓଏଫ୍‌ଏସ୍ ଅଧିକାରୀ ପୀୟୂଷ କାନ୍ତ ପାଣିଙ୍କୁ

**୨୭ବର୍ଷ ପରେ ୧୭ଜଣଙ୍କୁ ନ୍ୟାୟ, ସୁପ୍ରିମକୋର୍ଟଙ୍କ ଛାଟ**

ପଦୋନ୍ନତି ଦିଆଯାଇ ବରିଷ୍ଠ ଓଏଏସ୍ ଅଧିକାରୀ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ତଳେ ଏବଂ ସରୋଜ ସାହୁଙ୍କ ଉପରେ ଫିକ୍ସଡ୍ କରାଯାଇଛି। ଏହାସହିତ ସବୀର କୁମାର ପଣ୍ଡା(ଓସିଏସ୍), ସତ୍ୟନାରାୟଣ ପଣ୍ଡା(ଓଏସ୍‌ଏସ୍), ସୁଶାନ୍ତ କୁମାର ପଣ୍ଡା(ଓଏଏସ୍), ଗାୟତ୍ରୀ ପଟ୍ଟନାୟକ (ଓସିଏସ୍), ଫାଲଗୁନୀ ସହାୟ ନାୟକ (ଓଇଏସ୍), ଶ୍ରୀକାନ୍ତ କୁମାର ବେହୁରା (ସବ୍‌ରେଜିଷ୍ଟ୍ରାର), ସ୍ମିତା ମହାନ୍ତି (ସବ୍‌ରେଜିଷ୍ଟ୍ରାର), ରମେଶଚନ୍ଦ୍ର ପଣ୍ଡା (ସବ୍‌ରେଜିଷ୍ଟ୍ରାର), ସୁରଜ କୁମାର ପଟ୍ଟନାୟକ (ସବ୍‌ରେଜିଷ୍ଟ୍ରାର) ରହିଛନ୍ତି। ସେହିପରି ସୁଚେତା ମହାପାତ୍ର (ଓଏସ୍‌ସିଏସ୍), ହରପ୍ରିୟା ଦାସ (ଓଏସ୍‌ସିଏସ୍), ପ୍ରିୟବ୍ରତ ପାଢ଼ୀ (ଓଏସ୍‌ସିଏସ୍), ଅମୀୟ କୁମାର ରାଉତ (ଓଏସ୍‌ସିଏସ୍) ଓ ବିଜୟଲକ୍ଷ୍ମୀ ପାଟଶାଣୀ ପ୍ରମୁଖ ରହିଛନ୍ତି।

ରାଜସ୍ୱ ବିଭାଗର ଏହି ବିଜ୍ଞପ୍ତିକୁ ନେଇ ଏବେ ଓଏଏସ୍ ଅଫିସର ମହଲରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଆଗାମୀ ଦିନରେ ଯେଉଁ ଓଏଏସମାନେ ଏଭଳି ସରକାରଙ୍କ ରୋଷର ସମ୍ମୁଖୀନ ହୋଇଛନ୍ତି ସେମାନଙ୍କ କଥାକୁ ସରକାର କି ପ୍ରକାର ବିଚାର କରୁଛନ୍ତି ତାହା ଦେଖିବାର ରହିଛି।

# ଶ୍ରମିକ କଲ୍ୟାଣ ଏକ 'ବୈଚାରିକ ଆନ୍ଦୋଳନ' : ଧର୍ମେନ୍ଦ୍ର

**ପୁରୀ,୯।୨ (ମହାଭରତ):** ଶ୍ରମିକ କଲ୍ୟାଣ କେବଳ ଏକ ସାଂଗଠନିକ କାର୍ଯ୍ୟ ନୁହେଁ, ବରଂ ଏହା ଏକ ଦାୟିତ୍ୱବାନ ବୈଚାରିକ ଆନ୍ଦୋଳନ ଯାହା ରାଷ୍ଟ୍ର ନିର୍ମାଣର ମୂଳଦୁଆ ସଦୃଶ। ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ଧାମ ପୁରୀ ଠାରେ ଆୟୋଜିତ ଭାରତୀୟ ମଜଦୁର ସଂଘର ୨୧ତମ ଅଖିଳ ଭାରତୀୟ ତ୍ରୈବାର୍ଷିକ ଅଧିବେଶନରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରମିକମାନଙ୍କୁ ଦେଶ ଗଠନର ମୁଖ୍ୟ ଆଧାରଶିଳା ଭାବେ ଅଭିହିତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତୀୟ ସମ୍ବିଧାନର ଆଦର୍ଶରେ 'ଶ୍ରମର ସମ୍ମାନ' ପାଇଁ ଭାରତୀୟ ମଜଦୁର ସଂଘ ସର୍ବଦା ସମର୍ପିତ । ସଂଗଠନ ନିଜର ପ୍ରତିଷ୍ଠା କାଳରୁ ରାଷ୍ଟ୍ରହିତ, ଶ୍ରମିକ କଲ୍ୟାଣ ଏବଂ 'ଆତ୍ମନିର୍ଭର ଭାରତ'ର ସଂକଳ୍ପ ସହିତ କାର୍ଯ୍ୟ କରି ଶ୍ରମିକମାନଙ୍କ ଅଧିକାର, ମର୍ଯ୍ୟାଦା ଓ ସାମାଜିକ ନ୍ୟାୟକୁ ସୁଦୃଢ଼ କରିବାରେ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଛି। ଶ୍ରମଶକ୍ତିକୁ ସସମ୍ମାନ ଜୀବନ ଦେଲେ ଅର୍ଥନୀତି ଦୁଇଗୁଣିତ ହେବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଅନେକ ବର୍ଷ ପରେ ଶ୍ରମିକଙ୍କ ପାଇଁ




'ସର୍ବନିମ୍ନ ମଜୁରୀ' ବୃଦ୍ଧି କରିଛନ୍ତି। ମଧ୍ୟାହ୍ନ ଭୋଜନରେ କାର୍ଯ୍ୟରତ ଥିବା ୨୫ ଲକ୍ଷ ସହାୟିକା, ଅଙ୍ଗନବାଡି ତଥା ଆଶା ଦିଦିଙ୍କ କଲ୍ୟାଣ ଦିଗରେ ସରକାର ନିରନ୍ତର କାମ କରୁଛନ୍ତି।

ନିଜର ବ୍ୟକ୍ତିଗତ ଅଭିଜ୍ଞତା ବାବଦରେ ସୂଚନା ଦେଇ ସେ କହିଛନ୍ତି, ମୋର ସାମାଜିକ ଜୀବନର ପ୍ରାରମ୍ଭରେ ମଜଦୁର ସଂଘର ଜଣେ କାର୍ଯ୍ୟକର୍ତ୍ତା ଭାବେ କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ । ଭାରତୀୟ ମଜଦୁର ସଂଘ ଆଜି ଏକ ଦାୟିତ୍ୱବାନ ସାମାଜିକ ଆନ୍ଦୋଳନର ରୂପ ନେଇଛି। ଏହି ସଂଗଠନ ଶ୍ରମକୁ କେବଳ ଜୀବିକାର ମାଧ୍ୟମ ନୁହେଁ, ବରଂ ରାଷ୍ଟ୍ର ନିର୍ମାଣର ଆଧାରଶିଳା ଭାବେ ଗ୍ରହଣ କରି ସନ୍ତୁଳିତ ଓ ସମନ୍ୱିତ ବିକାଶର ମାର୍ଗ ପ୍ରଶସ୍ତ କରୁଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭାରତରେ 'ୱାର୍କିଂ ଏଜ୍ ଗ୍ରୁପ୍' ମଧ୍ୟରେ ପ୍ରାୟ ୯୦ କୋଟି ଲୋକ ଅଛନ୍ତି, ଯେଉଁଥିରୁ ପ୍ରାୟ ୫୦ ପ୍ରତିଶତ ବାସ୍ତବରେ କାର୍ଯ୍ୟରତ । ଏହି ୫୦ କୋଟି ଶ୍ରମଜୀବୀଙ୍କୁ ବୈଚାରିକ ସ୍ୱଚ୍ଛତା ପ୍ରଦାନ କରିବାରେ ବିଏମଏସ ଏକ 'କଷଟି ପଥର' ସଦୃଶ କାର୍ଯ୍ୟ କରିଛି । ବର୍ତ୍ତମାନର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଯୁଗରେ ଆମ ଶ୍ରମଶକ୍ତିର ଅଂଶଗ୍ରହଣକୁ ୫୦ ପ୍ରତିଶତରୁ ୭୫ ପ୍ରତିଶତକୁ ବୃଦ୍ଧି କଲେ ହିଁ ଦେଶ ବିକଶିତ ହେବାର ଲକ୍ଷ୍ୟ ପୂରଣ କରିପାରିବ।

ଆଗାମୀ ଦିନର ଆହ୍ୱାନକୁ ଦୃଷ୍ଟିରେ ରଖି ଶ୍ରୀ ପ୍ରଧାନ ଦେଶ ୱାର୍କଫୋର୍ସକୁ ନିରନ୍ତର 'ସ୍କିଲିଂ, ରି-ସ୍କିଲିଂ ଏବଂ ଅପ-ସ୍କିଲିଂ' କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ନୂତନ ଜାତୀୟ ଶିକ୍ଷା ନୀତିରେ 'ରୋଜଗାର ସହିତ ପଢିବା' ବ୍ୟବସ୍ଥା କରାଯାଇଛି। ଏକବିଂଶ ଶତାବ୍ଦୀର ୱାର୍କଫୋର୍ସକୁ 'ଗ୍ଲୋବାଲ ଷ୍ଟାଣ୍ଡାର୍ଡ' କରିବା, ଯାହା ବିଶ୍ୱର କଲ୍ୟାଣ ସବୁବେଳେ ଆଗଭର ରହିବ ବୋଲି ସେ ମତପ୍ରକାଶ କରିଛନ୍ତି।

## ବନ୍ଦ ହେବ ନାହିଁ ଏସ୍‌ଆଇଆର୍ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୨ ଓକିଲ ସାଜି ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର୍ ବିରୋଧରେ ସୁପ୍ରିମକୋର୍ଟ ଯାଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଶକ୍ତ ଧକ୍କା ଲାଗିଛି। ଅନେକ ରାଜ୍ୟରେ ଚାଲିଥିବା ଏସ୍‌ଆଇଆରକୁ ବନ୍ଦ କରିବାକୁ କୌଣସି ଅନୁମତି ଦିଆଯାଇପାରିବ ନାହିଁ। ଏହାକୁ ସମସ୍ତ ରାଜ୍ୟ ବୁଝିଯିବା ଦରକାର
ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରଧା[redacted]
ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମା[redacted]
ବାଗଚୀ ଏବଂ ବିଚାରପତି ଏନଭି ଅଞ୍ଜା[redacted]
ଏସ୍‌ଆଇଆର୍ ସମ୍ପର୍କୀୟ ଆବେଦନର ଶୁ[redacted]
କରିଛନ୍ତି। ଆଜିର ଶୁଣାଣିରେ ମମତା ବାନାର୍ଜ[redacted]
ଦଳ ଟିଏମସିର ଓକିଲ ସାଂସଦ କଲ[redacted]
ବାନାର୍ଜୀ ପକ୍ଷ ରଖିଥିଲେ । ସେ ଦାବି କରିଥି[redacted]
ଯେ ସଂଖ୍ୟାଲଘୁ ବହୁଳ ବିଧାନସଭା ନିର୍ବା[redacted]
ମଣ୍ଡଳୀରେ ଯଦି ୧୦୦୦ ଭୋଟର ଥାଆନ୍ତି, ତେ[redacted]
ସେମାନଙ୍କ ମଧ୍ୟରୁ ୯୫୦ ଜଣଙ୍କୁ ତାର୍କିକ ବିସ[redacted]
ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସମୟ[redacted]
ଫର୍ମ ୭ ଉପରେ ମଧ୍ୟ ଏକ ବିତର୍କ ହୋଇଥିଲା, ଯା[redacted]
ଭୋଟର ତାଲିକାରେ କୌଣସି ନାମ ଯୋଡିବା ଉପ[redacted]
ଆପତ୍ତି ଉଠାଇବା ପାଇଁ ପୂରଣ କରିବାକୁ ପଡ଼ିବ।
କଲ୍ୟାଣ ବାନାର୍ଜୀ କହିଛନ୍ତି ଯେ ଏପରି ଅ[redacted]
ଆପତ୍ତି ଦାଖଲ କରାଯାଇଛି, କିନ୍ତୁ ସେଗୁଡ଼ିକୁ କିଏ ଦା[redacted]
କରିଛି ତାହା ମଧ୍ୟ ଜଣା ନାହିଁ। ଶୁଣାଣି ସମୟରେ ଏ[redacted]
ଲୋକଙ୍କୁ ମଧ୍ୟ ଉପସ୍ଥିତ ରହିବା ଉଚିତ, ଯାହା ଦ୍ୱାରା କିଏ ଆପତ୍ତି କରୁଛନ୍ତି ତାହା ଜଣାପଡିବ। ଜଣେ ବ୍ୟକ୍ତି ୧୦୦୦ ରୁ ଅଧିକ ଆପତ୍ତି ଦାଖଲ କରୁଛନ୍ତି। ଏପରି ସମସ୍ତ ଅଭିଯୋଗ ଅଜଣା ବ୍ୟକ୍ତିଙ୍କ ନାମରେ ଦାଖଲ କରାଯାଇଛି।

ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏସ୍‌ଆଇଆର୍ ପ୍ରକ୍ରିୟା
[redacted] କୌଣସି ବାଧାରେ ସମାପ୍ତ ହେବା ଉଚିତ। ସଂଶୋଧନ
[redacted]ର ସହଯୋଗ କରିବା ଏବଂ କୌଣସି ବାଧା ସୃଷ୍ଟି
[redacted] ପାଇଁ କୋର୍ଟ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ
[redacted]ନ୍ତି । ଏହି ମାମଲାରେ ନିର୍ବାଚନ କମିଶନଙ୍କ
[redacted]ର ଗମ୍ଭୀର ଅଭିଯୋଗ ଆଣି, ପଶ୍ଚିମବଙ୍ଗ
[redacted]ୀ ସୁପ୍ରିମକୋର୍ଟରେ ୧.୩୬ କୋଟିରୁ ଅଧିକ
[redacted]ଙ୍କ ପାଇଁ ତାର୍କିକ ବିସଙ୍ଗତି ଥିବା ଏକ ତାଲିକା
[redacted]ଉଠାଇଥିଲେ। ସେ ଦାବି କରିଥିଲେ ଯେ
[redacted]ମର ଭୁଲ ବନାନ' କିମ୍ବା ବିବାହ ପରେ
[redacted]ନଙ୍କ ଠିକଣା ପରିବର୍ତ୍ତନ କରିବା ଭଳି
[redacted] ତ୍ରୁଟି ଆଧାରରେ ଏହି ଭୋଟରମାନଙ୍କ ନାମ
[redacted]ବାର ଆଶଙ୍କା ରହିଛି । ମମତା ବାନାର୍ଜୀ
[redacted]ର ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ
[redacted]୦ ମାଇକ୍ରୋ-ପର୍ଯ୍ୟବେକ୍ଷକଙ୍କୁ
[redacted]ିତ କରିବାର ପ୍ରସଙ୍ଗ ମଧ୍ୟ ଉଠାଇଥିଲେ,
[redacted]ାନେ ସେ କେନ୍ଦ୍ର ସରକାରଙ୍କ ଅଧିକାରୀ
[redacted]ଦାବି କରିଥିଲେ ।

## ସିଝା ମାଛ ମସଲା

ଆବଶ୍ୟକ ସାମଗ୍ରୀ: ମାଛ,ହଳଦୀ ଗୁଣ୍ଡ,ଗରମ ମସଲା, ଅଦାରସୁଣ ବଟା, କଟା ପିଆଜ,ଧଳା ସୋରିଷ ବଟା,ବସା ଦହି,କଞ୍ଚା ଲଙ୍କା,ଅଦାରସୁଣ କଟା,ଗରମ ମସଲା ଗୁଣ୍ଡ,ଲୁଣ ଓ ତେଲ । ।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ମାଛକୁ ଧୋଇ ସେଥିରେ ହଳଦୀ ଗୁଣ୍ଡ,ଲଙ୍କା ଗୁଣ୍ଡ,ଗରମ ମସଲା ,ଅଦାରସୁଣ ବଟା,କଟା ପିଆଜ,ଧଳା ସୋରିଷ ବଟା,ବସା ଦହି କଞ୍ଚା ଲଙ୍କା ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ପରେ କଡେଇରେ ପାଣି ଫୁଟାଇ ସେଥିରେ ତେଲ ପକାନ୍ତୁ । ଏବେ ସେଥିରେ ମ୍ୟାରିନେଟ ହୋଇଥିବା ମାଛକୁ ପକାନ୍ତୁ । ତା'ପରେ ସେଥିରେ କଟା ଅଦାରସୁଣ,ଗରମ ମସଲା ଗୁଣ୍ଡ,କଟା ପିଆଜ,ଗୋଟା କଞ୍ଚା ଲଙ୍କା ଓ ଅଳ୍ପ ଲୁଣ ପକାଇ ଘୋଡଣୀ ଘୋଡାଇ ଦିଅନ୍ତୁ । ୫ରୁ୭ ମିନିଟ୍ ପରେ ଘୋଡଣୀ ବାହାର କରି ମାଛ ଗୁଡିକୁ ଓଲଟାଇ ଦିଅନ୍ତୁ ଓ ପୁଣି ଘୋଡଣୀ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ସିଝା ମାଛ ମସଲା' ।



ଖବର

## ୟୁଟ୍ୟୁବର୍ ଆଶିଷ ଚଞ୍ଚଲାନିଙ୍କ ସହ ବଲିଉଡ୍ ଅଭିନେତ୍ରୀଙ୍କ ଫଟୋ



ବଲିଉଡ୍ ଅଭିନେତ୍ରୀ ସୋନମ୍ କପୁର ତାଙ୍କର ଦ୍ୱିତୀୟ ସନ୍ତାନକୁ ଅପେକ୍ଷା କରିଛନ୍ତି । ନିକଟରେ ସେ ଏକ ବେବି ସାୱାର କରିଥିଲେ, ଯେଉଁଥିରେ ତାଙ୍କ ପରିବାର ଏବଂ ଅନେକ ବଲିଉଡ୍ ସେଲିବ୍ରିଟି ଯୋଗ ଦେଇଥିଲେ। ସମସ୍ତ ସେଲିବ୍ରିଟି ବହୁତ ସୁନ୍ଦର ଦେଖାଯାଉଥିଲେ। ହେବାକୁ ଥିବା ମା' ସୋନମ୍ କପୁର ମଧ୍ୟ ତାଙ୍କ ବେବି ସାୱାରରେ ବହୁତ ସୁନ୍ଦର ଦେଖାଯାଉଥିଲେ । ଏହି ସମାରୋହ ପାଇଁ ଅଭିନେତ୍ରୀ ଫୁଲ ପ୍ରିଣ୍ଟ ସହିତ ଏକ ଲାଇମ୍ ହଳଦିଆ ଶାଢ଼ି ପିଉଥିଲେ । ଏହି ଶାଢ଼ି ସହିତ ଅଭିନେତ୍ରୀଙ୍କ ଭାରୀ ସୁନା ଅଳଙ୍କାର ପିନ୍ଧି ସୁନ୍ଦର ଦେଖାଯାଉଥିଲା । ସୋନମଙ୍କ ଗର୍ଭବତୀତାର ଚମକ ତାଙ୍କ ମୁହଁରେ ସ୍ପଷ୍ଟ ଭାବରେ ଦେଖାଯାଉଥିଲା । ସୋନମଙ୍କ ବାପା ଅନିଲ କପୁର ମଧ୍ୟ ଉତ୍ସବରେ ହାତ ଯୋଡି ଧନ୍ୟବାଦ ଜଣାଇବା ସହ ଉପସ୍ଥିତ ଥିଲେ । ଅନିଲ କପୁର ଫୁଲ ପ୍ରିଣ୍ଟ ସହିତ ଏକ ନୀଳ କୁର୍ତ୍ତା ପିନ୍ଧିଥିଲେ । ଶିଶୁଟିର ମାଉସୀ ଅଂଶୁଲା କପୁର ମଧ୍ୟ ଏକ ଦେଶୀ ଲୁକରେ ବେବି ସାୱାର ସମାରୋହରେ ପହଞ୍ଚିଥିଲେ। ତାଙ୍କର ଲୁକ୍ ରୟାଲ୍ ଥିଲା । ସୋନମଙ୍କ ବନ୍ଧୁ ମସାବା ଗୁପ୍ତା ମଧ୍ୟ ବେବି ସାୱାର ଉତ୍ସବରେ ଯୋଗ ଦେଇଥିଲେ । ସେ ଏକ ପ୍ରିଣ୍ଟେଡ୍ କୁର୍ତ୍ତା ଏବଂ ଧୋତି ପିନ୍ଧିଥିଲେ। ଡିଜାଇନର୍ କୁନାଲ ରାୱଲ୍ ଏବଂ ତାଙ୍କ ପତ୍ନୀ ଅର୍ପିତା ମେହେତା ମଧ୍ୟ ଉତ୍ସବରେ ଯୋଗ ଦେଇଥିଲେ। ଅର୍ପିତା ଏହି ସ୍ୱତନ୍ତ୍ର ଦିନ ପାଇଁ ଏକ ସୁନା ବର୍ଡର୍ ସହିତ ପିଚ୍ ଗୋଲାପୀ ଶାଢ଼ି ପିନ୍ଧିଥିଲେ। ଅଭିନେତ୍ରୀ ଭୂମି ପେଡନେକର ମଧ୍ୟ ସୋନମଙ୍କ ସହିତ ଏହି ଉତ୍ସବ ପାଳନ କରିଥିଲେ। ସେ ଏକ ଧଳା କଟଆଉଟ୍ ଅନାରକଲି ଡ୍ରେସ୍ ପିନ୍ଧିଥିଲେ। ସୋନମ କପୁରଙ୍କ ମାଉସୀ ମହୀପ୍ କପୁର ତାଙ୍କ ଭାଣିଜୀଙ୍କ ବେବି ସାୱାର ପାଇଁ ଏକ ବେବି ଗୋଲାପୀ ରଙ୍ଗର ସୁଟ୍ ବାଛିଥିଲେ, ଯାହାକୁ ସେ ପ୍ୟାରିସ ଷ୍ଟାଇଲ୍ ପାଇଜାମା ସହିତ ପିନ୍ଧିଥିଲେ। ବେବୋଙ୍କ ଦେଶୀ ଲୁକ୍ ସବୁବେଳେ ସୁନ୍ଦର। ଅଭିନେତ୍ରୀ ନୀଳ କୁର୍ତ୍ତା ଏବଂ ଧଳା ସାଲୱାର ପିନ୍ଧିଥିଲେ। ତାଙ୍କର ସରଳ ଲୁକ୍ ସମସ୍ତଙ୍କ ହୃଦୟ ଚୋରି କରିଥିଲା । ବେବିଙ୍କ ସାନ ମାଉସୀ ଖୁସି କପୁର ମଧ୍ୟ ଷ୍ଟାଇଲରେ ଯୋଗ ଦେଇଥିଲେ । ଖୁସି ହଳଦିଆ ବର୍ଡର ସହିତ ଏକ ଅଫ୍-ହ୍ୱାଇଟ୍ ଶାଢ଼ି ପିନ୍ଧିଥିଲେ । ଲଥିସହ ବହୁତ୍ ସୁଦତସର ମଧ୍ୟ ଦେଖାଯାଉଥିଲେ । ଏଥିସହ ସୋନମ କପୁରଙ୍କ ସମ୍ପର୍କୀୟ ଭାଇ ଅର୍ଜୁନ କପୁର ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅର୍ଜୁନ କମଳା କୁର୍ତ୍ତାରେ ଷ୍ଟାଇଲିସ୍ ଦେଖାଯାଉଥିଲେ।

## ଶାନ୍ତି ପାଇଁ ବାସ୍ତୁ ଉପାୟ



ଭ ଘରର ମୁଖ୍ୟ ଦ୍ୱାର ଭିତରକୁ ଖୋଲିବା ଉଚିତ୍ । ବାହାରକୁ ଖୋଲିଲେ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ ।

ଭ ରୋଷେଇ ଘରର ମୁହଁ ପୂର୍ବ ଆଡ଼କୁ ରହିବା ଉଚିତ୍ ।

ଭ ରୋଷେଇ ଘରେ ଅନ୍ଧାରରେ ଚୁଲି ଜଳାଇବା ଅଶୁଭ ।

ଭ ଘରେ ସୁଖ-ଶାନ୍ତି ବଜାୟ ରଖିବା ଲାଗି ରୋଷେଇ ଘରେ ଗୁଡ଼ ରଖିବା ଆବଶ୍ୟକ ।

ଭ ଦ୍ୱାରରେ ଲାଗିଥିବା କବ୍‌ଜା କବାଟ ଖୋଲିବା ସମୟରେ ଧ୍ୱନି କରୁଥିଲେ, ତାହା ବାସ୍ତୁ ଅନୁଯାୟୀ ଅଶୁଭ ହୋଇଥାଏ ।

ଭ ପ୍ରବେଶ ଦ୍ୱାର ସର୍ବଦା ସଫାସୁତୁରା ରଖିଲେ ମାନ-ସମ୍ମାନ ବୃଦ୍ଧି ହୋଇଥାଏ ।

ଭ ଘରେ ରହିଥିବା ଧର୍ମ ପୁସ୍ତକ, ପିଲାମାନଙ୍କ ବହି ପତ୍ର ଏବଂ ବ୍ୟବସାୟରେ ଉପଯୋଗ ହେଉଥିବା ରେଜିଷ୍ଟରରେ ଶୁଭ ଚିହ୍ନ ଲଗାଇବା ଉଚିତ୍ ।

ଭ ଘରର ମୁଖ୍ୟ ଦ୍ୱାର ଏବଂ ରୋଷେଇ ଘର ସାମ୍ନାସାମ୍ନି ହେବା ଅନୁଚିତ୍ । ଏହାଦ୍ୱାରା ହଜମ ସମ୍ବନ୍ଧୀୟ ରୋଗ ହୋଇଥାଏ ।

## ଭଗବାନ ଶିବଙ୍କ ପ୍ରମୁଖ ଅବତାର

ଶିବ ପୁରାଣରେ ମହାଦେବଙ୍କ ପ୍ରମୁଖ ଅବତାର ବିଷୟରେ ବର୍ଣ୍ଣନା ରହିଛି । ତାଙ୍କର ଭିନ୍ନ ଭିନ୍ନ ଅବତାର ଏବଂ ତା'ପଛରେ ରହିଥିବା କାରଣ ବିଷୟରେ ମଧ୍ୟ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ଶିବଙ୍କ ଦଶ ଅବତାର ସମ୍ପର୍କରେ ପୁରାଣରେ ଉଲ୍ଲେଖ ରହିଛି, ସେମାନେ ହେଲେ ମହାକାଳ, ତାରକ, ଭୁବନେଶ, ଷୋଡ଼ଶ, ଭୈରବ, ଛିନ୍ନମସ୍ତକ ଗିରିଜା, ଧୂମବାନ, ବଗଳାମୁଖ, ମାତଙ୍ଗ ଓ କମଳ ଅବତାର । ଏହି ଦଶଅବତାର ତନ୍ତ୍ରଶାସ୍ତ୍ର ସମ୍ବନ୍ଧୀୟ ବୋଲି କୁହାଯାଇଛି । ଏହାବ୍ୟତୀତ ଶିବଙ୍କ ୧୧ ଅବତାର- କପାଳୀ, ପିଙ୍ଗଳ, ଭୀମ, ବିରୂପାକ୍ଷ, ବିଲୋହିତ, ଶାସ୍ତା, ଅଜପାଦ, ଅପିର୍ବୁଧ, ଶମ୍ଭୁ, ଚଣ୍ଡ ଏବଂ ଭବ ଅବତାର ସମ୍ପର୍କରେ ମଧ୍ୟ ଶିବପୁରାଣରେ ବର୍ଣ୍ଣନା ରହିଛି । ଏହି ଅବତାର ବ୍ୟତୀତ ମହର୍ଷି ଦୁର୍ବାସା, ମହେଶ, ବୃଷଭ, ପିପ୍ପଳାଦ, ବୈଶ୍ୟନାଥ, ଦ୍ୱିଜେଶ୍ୱର, ହଂସରୂପ, ଅବଧୂତେଶ୍ୱର, ଭିକ୍ଷୁଭର୍ଯ୍ୟ, ସୁରେଶ୍ୱର, ବ୍ରହ୍ମଚାରୀ, ସୁନଟତର୍କ, ଦ୍ୱିଜ, ଅଶ୍ୱତଥାମା, କିରାତ ଏବଂ ନଟେଶ୍ୱର ଆଦି ଅବତାର ସମ୍ପର୍କରେ ଶିବ ପୁରାଣରେ ଉଲ୍ଲେଖ ରହିଛି । ତେବେ ଏମାନଙ୍କୁ ଶିବଙ୍କ ଅଂଶାବତାର ବୋଲି କୁହାଯାଇଛି । ବୀର ହନୁମାନ ଏବଂ ଭୈରବ ହେଉଛନ୍ତି ଶିବଙ୍କର ସବୁଠୁ ଚର୍ଚ୍ଚିତ ଅବତାର ।





## ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ



ବାସ୍ତୁର ଏହି ନିୟମ ଗୁଡ଼ିକୁ ପାଳନ କରାଗଲେ ଧନ ସମ୍ବନ୍ଧୀୟ ସମସ୍ୟା ଦୂର ହେବା ସହ ଗୃହରେ ସୁଖଶାନ୍ତି ପ୍ରବେଶ କରିଥାଏ। ପୂର୍ବ ଦିଗରେ ଘରର ସମ୍ପତ୍ତି ଏବଂ ଆଲମୀରା ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏପରି କରିବା ଦ୍ୱାରା ଧନସମ୍ପତ୍ତିର ବୃଦ୍ଧି ହୋଇଥାଏ । ଆଲମୀରାରେ ଟଙ୍କା ଓ ମୂଲ୍ୟବାନ ଜିନିଷ ରଖାଯାଏ। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ। ନକରାତ୍ମକ ଶକ୍ତି ଦୂର କରିବା ପାଇଁ ସପ୍ତାହ ଥରେ ପାଣିରେ ଲୁଣ ପକାଇ ନିଶ୍ଚୟ ଘର ପୋଛନ୍ତୁ। ଏପରି କରିବା ଦ୍ୱାରା ଘରେ ସୁଖଶାନ୍ତିର ଓ ସକରାତ୍ମକ ବାତାବରଣ ସର୍ବଦା ରହିଥାଏ। ପୂଜା ସ୍ଥାନ ଶୟନ କକ୍ଷରେ ରଖନ୍ତୁ ନାହିଁ। ଶୟନ କକ୍ଷରେ ପୂଜାସ୍ଥାନ ଥିଲେ ଘରେ କଳହ ଓ ଆର୍ଥିକ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥାଏ। ଝାଡୁ ଦାନ କଲେ ଅଶୁଭ ଫଳ ପ୍ରାପ୍ତି ହୋଇଥାଏ। ଗୃହର ଐଶାନ୍ୟ କୋଣରେ ଏକ ପାତ୍ରରେ ଲୁଣ ଭର୍ତ୍ତି କରି ରଖନ୍ତୁ। ଏପରି କରିବା ଦ୍ୱାରା ଘରେ ଟଙ୍କାପଇସାର ଅଭାବ ହୋଇନଥାଏ। ଘରର ଗାଧୁଆଘରର କବାଟ ଖୋଲା ରଖନ୍ତୁ ନାହିଁ। ଏପରି କରିବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ମହିଳାଙ୍କୁ ସମ୍ମାନ କରନ୍ତୁ : ଯେଉଁ ଘରେ ମହିଳାଙ୍କୁ ସର୍ବଦା ସମ୍ମାନ ଦିଆଯାଏ, ସେଠାରେ ମା'ଲକ୍ଷ୍ମୀ ବାସ କରିଥାଆନ୍ତି । ଦମ୍ପତ୍ତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲେ ଏହି ସମସ୍ୟାର ସମାଧାନ ପ୍ରଥମେ କରନ୍ତୁ। କାରଣ କଳହ ଲାଗି ରହିଲେ ମା'ଲକ୍ଷ୍ମୀ କୋପ କରିଥାଆନ୍ତି।

ଶୁକ୍ରବାର ଦିନ ବ୍ରତ କରନ୍ତୁ : ଶୁକ୍ରବାର ଦିନକୁ ମା'ଲକ୍ଷ୍ମୀଙ୍କ ଦିନ ବୋଲି କୁହାଯାଏ। ମା'ଙ୍କ ପାଇଁ ଏହି ବ୍ରତ ରଖି ପୂଜାର୍ଚ୍ଚନା କରିବା ଦ୍‌ୱାରା ମା'ଙ୍କ ବିଶେଷ କୃପା ମିଳିଥାଏ। ଘରେ ସର୍ବଦା ଧନସମ୍ପତ୍ତି ବୃଦ୍ଧି ହୋଇଥାଏ।

ଗୃହର ବାସ୍ତୁ ଦୋଷ ଦୂର କରନ୍ତୁ : ଘରର ବାସ୍ତୁ ସମସ୍ୟା ଥିଲେ ମା'ଲକ୍ଷ୍ମୀ ସେଠାରେ ବାସ କରି ନଥାଆନ୍ତି । ବାସ୍ତୁରେ ପ୍ରତ୍ୟେକ ଜିନିଷ ଦିଗ ନିର୍ଦ୍ଧାରିତ ହୋଇ ରହିଛି। ବାସ୍ତୁ ଅନୁଯାୟୀ ପ୍ରତ୍ୟେକ ନିୟମ ମାନି ଏହାର ପାଳନ କରିବା ଦ୍ୱାରା ଗୃହର ବାସ୍ତୁ ଦୋଷ ଦୂର ହୋଇଥାଏ ଓ ମା' ସେହି ଗୃହରେ ସର୍ବଦା ବାସ କରିଥାଆନ୍ତି।

ଜାତକରେ ଶୁକ୍ରଗ୍ରହଙ୍କୁ ମଜଭୁତ ରଖନ୍ତୁ : ଯେଉଁ ବ୍ୟକ୍ତିଙ୍କ ଜାତକରେ ଶୁକ୍ରଗ୍ରହ ସଠିକ ସ୍ଥିତି ଓ ଭଲ ଭାବେ ରହିଥାଆନ୍ତି, ତାଙ୍କ ଉପରେ ମା'ଙ୍କ ଆଶୀର୍ବାଦ ସର୍ବଦା ରହେ ଓ ସେହି ଗୃହରେ ମା'ବାସ କରିଥାଆନ୍ତି । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଶୁକ୍ରଗ୍ରହକୁ ସୁଖସମୃଦ୍ଧିର ଗ୍ରହ କୁହାଯାଏ। ଶୁକ୍ରଙ୍କ ସ୍ଥିତି ଦୁର୍ବଳ ହେଲେ ଟଙ୍କାପଇସାର ସମସ୍ୟା ସୃଷ୍ଟି ହୁଏ।

## ବିବାହ ସହ ଜଡିତ କିଛି ଗୁରୁତ୍ୱପୂର୍ଣ୍ଣ କଥା

ହସ୍ତରେଖା ବିଶେଷଜ୍ଞଙ୍କ ମତରେ ଯେଉଁମାନଙ୍କର ହସ୍ତରେ ଶୁକ୍ର, ବୃହସ୍ପତି, ମଙ୍ଗଳ ଆଦିଙ୍କ ସ୍ଥାନ ଖୁବ ପ୍ରଭାବିତ ରହିଥାଆନ୍ତି। ସେମାନେ ପ୍ରେମ ବିବାହ କରିବାର ସମ୍ଭାବନା ଅଧିକ ରହିଥାଏ।

ଆମ ହସ୍ତରେ ଥିବା ରେଖାମାନଙ୍କ ଠାରୁ ଏହା ମଧ୍ୟ ଜାଣିହୋଇଥାଏ ଯେ, ଯଦି ଆପଣଙ୍କ ଅନ୍ୟ ରେଖା ତୁଳନାରେ ବିବାହ ରେଖା ଖୁବ ସାନ କିମ୍ବା ବଡ଼ ଥାଏ, ତେବେ ଆପଣଙ୍କ ବିବାହ ଘରର ନିକଟରେ ହେବାର ସମ୍ଭାବନା ଥାଏ।

ଯଦି ଆପଣଙ୍କ ହସ୍ତରେ ବୃହସ୍ପତି ରେଖା ଶନିଙ୍କ ଆଡ଼କୁ ଢଳି ରହେ, ତେବେ ଜାଣନ୍ତୁ ଆପଣଙ୍କ ବିବାହ ବିଳମ୍ବରେ ହେବ।

ହସ୍ତରେ ଥିବା ବୁଧ ପର୍ବତ ରେଖାରୁ ମଧ୍ୟ ବ୍ୟକ୍ତିଙ୍କର ପ୍ରେମ ବିବାହ ହେବ ବୋଲି ଜଣାପଡ଼ିଥାଏ। ହସ୍ତରେ ବୃହସ୍ପତି ଓ ଶୁକ୍ରଙ୍କର ସ୍ଥିତିରୁ ମଧ୍ୟ ଆପଣଙ୍କ ସାଥିର ଗୁଣ ବିଷୟରେ ଜାଣି ହୋଇଥାଏ। ଯେଉଁମାନଙ୍କ ବୃହସ୍ପତି ରେଖା ହୃଦୟ ରେଖା ଠାରୁ ଦୂରରେ ରହେ, ସେମାନଙ୍କର ବିବାହ ମଧ୍ୟ ବିଳମ୍ବରେ ହୋଇଥାଏ। ଯେବେ ବିବାହ ପାଇଁ ଆପଣଙ୍କୁ ଦେଖିବା ପାଇଁ ଲୋକେ ଆସନ୍ତି, ସେହି ସମୟରେ ଆପଣଙ୍କ ମୁଖକୁ ଉତ୍ତର ଦିଗ ଆଡ଼କୁ କରି ବସନ୍ତୁ।

ବିବାହ ଯୋଗ୍ୟ ଯୁବକ-ଯୁବତୀଙ୍କ କକ୍ଷରେ ସୁନ୍ଦର ସୁନ୍ଦର ଫଟୋ ଲଗାନ୍ତୁ। ମାତ୍ର କାନ୍ଦୁଥିବା ପିଲାମାନଙ୍କ ଫଟୋ ଲଗାନ୍ତୁ ନାହିଁ।

ଯଦି ଆପଣ ପ୍ରେମବିବାହ କରୁଛନ୍ତି ଓ ଆପଣଙ୍କୁ ଦୁଃସ୍ୱପ୍ନ ଆସୁଛି ତେବେ ନିଜ ତକିଆ ତଳେ ହାତର ଆଙ୍ଗୁଠିରେ 'ଓଁ' ଲେଖନ୍ତୁ।

ଘରର ମୁଖ୍ୟ ଦ୍ୱାରରେ ଦର୍ପଣ ଲଗାନ୍ତୁ ନାହିଁ। କାରଣ ମୁଖ୍ୟ ଦ୍ୱାରରେ ଦର୍ପଣ ଲଗାଇବା ଦ୍ୱାରା ବିବାହରେ ସମସ୍ୟା ସୃଷ୍ଟି ହୋଇଥାଏ। ବିବାହ ପାଇଁ ଆପଣଙ୍କୁ ଦେଖିବାକୁ ଆସୁଥିବା ଅତିଥିଙ୍କୁ ଗୃହରେ ସର୍ବଦା ପଶ୍ଚିମ ଦିଗରେ ବସାନ୍ତୁ।

ଯଦି ଘରର ମୁଖ୍ୟ ଦ୍ୱାର ସମ୍ମୁଖରେ କିଛି ଖୁମ୍ବ, ବୃକ୍ଷ, ଖୋଲା ହୋଇଥିବା ନଳା ଥାଏ ତେବେ ମଧ୍ୟ ବିବାହ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ଏହି କାରଣରୁ ଗୃହରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।



# 'ଏ ମାଟି କଥା କହେ ଏବଂ ବକ୍ସି ଜଗବନ୍ଧୁ: ଦ ଗ୍ରେଟ୍ କମାଣ୍ଡର' ଲୋକାର୍ପିତ

**ଭୁବନେଶ୍ୱର,୯।୨ (ମହାଭାରତ):** ବରିଷ୍ଠ ରାଜନେତା, ପୂର୍ବତନ ମନ୍ତ୍ରୀ, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ରଚିତ ଓଡ଼ିଆ ପୁସ୍ତକ 'ଏ ମାଟି କଥା କହେ' ଏବଂ ଇଂରାଜୀ ପୁସ୍ତକ 'ବକ୍ସି ଜଗବନ୍ଧୁ: ଦ ଗ୍ରେଟ୍ କମାଣ୍ଡର'ର ଶୁଭ ଉନ୍ମୋଚନ ହୋଇଯାଇଛି।

ଉନ୍ମୋଚନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ହରିବାବୁ କମ୍ଭମପାଟି କହିଥିଲେ ସାମ୍ବିଧାନିକ ମୂଲ୍ୟବୋଧ, ଜନ କଲ୍ୟାଣ ଏବଂ ବୌଦ୍ଧିକ ସାଧନା ପ୍ରତି ଲେଖକଙ୍କ ଜୀବନବ୍ୟାପୀ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଶ୍ରୀ ହରିଚନ୍ଦନଙ୍କ ଆଇନଗତ ବୃତ୍ତିରୁ ସାର୍ବଜନୀନ ଜୀବନ ପର୍ଯ୍ୟନ୍ତ ଯାତ୍ରା ସମ୍ପର୍କରେ ରାଜ୍ୟପାଳ ଅବତାରଣା କରି ବ୍ୟକ୍ତିଗତ ସ୍ୱାର୍ଥ ଉର୍ଦ୍ଧ୍ୱରେ ନ୍ୟାୟିକ ସ୍ୱାଧୀନତା ଏବଂ ନାଗରିକ ସ୍ୱାଧୀନତା ଉପରେ ଶ୍ରୀ ହରିଚନ୍ଦନଙ୍କର ଦୃଢ଼ ଦୃଷ୍ଟିକୋଣ ଉଲ୍ଲେଖ କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ବିଧାନସଭା, କାର୍ଯ୍ୟନିର୍ବାହୀ ଏବଂ ସାମ୍ବିଧାନିକ ଭୂମିକାରେ ତାଙ୍କର ଅବଦାନ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ ସାମାଜିକ ନ୍ୟାୟ ପ୍ରତି ଗଭୀର ଚିନ୍ତାକୁ ଦର୍ଶାଉଛି।

ବକ୍ସି ଜଗବନ୍ଧୁ: ଦି ଗ୍ରେଟ୍ କମାଣ୍ଡର ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହି ପୁସ୍ତକ ଓଡ଼ିଶାର ପାଇକ ବୀରମାନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଏବଂ ଉପନିବେଶବାଦୀ ଶାସନ ବିରୁଦ୍ଧରେ ପ୍ରାରମ୍ଭିକ ଆନ୍ଦୋଳନ ମଧ୍ୟରୁ ଅନ୍ୟତମ। ଏପରି କାର୍ଯ୍ୟଗୁଡ଼ିକ ଐତିହାସିକ ଦୃଷ୍ଟିକୋଣକୁ ପୁନରୁଦ୍ଧାର କରେ ଏବଂ ଯୁବ ପିଢ଼ି ମଧ୍ୟରେ ଦେଶପ୍ରେମକୁ ପ୍ରେରଣା ଦିଏ।



ଅନ୍ୟତମ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଆଜି ଉନ୍ମୋଚିତ ହେଉଥିବା ଏହି ଦୁଇଟି ପୁସ୍ତକ ଆମ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ, ତା'ଠୁ ଅଧିକ ମହତ୍ୱପୂର୍ଣ୍ଣ ହେଉଛନ୍ତି ଏହାର ରଚୟିତା। ତାଙ୍କର ନୀତି, ଆଦର୍ଶ, ରାଜନୈତିକ ପରିଚୟ ଏବଂ ରାଜ୍ୟ ଓ ଦେଶ ପାଇଁ ଦୀର୍ଘବର୍ଷ ଧରି ରହିଥିବା ଅମୂଲ୍ୟ ସେବା ତାଙ୍କୁ ଓଡ଼ିଶା ତଥା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି।

ଓଡ଼ିଶା ରାଜନୀତିର ଇତିହାସରେ ଯେବେ ବି ପ୍ରମୁଖ ରାଜନେତାଙ୍କ ନାମ ଉଲ୍ଲେଖ ହୁଏ, ବିଶ୍ୱଭୂଷଣ ହରିଚନ୍ଦନଙ୍କ ନାମ ସ୍ୱାଭାବିକ ଭାବେ ସର୍ବାଗ୍ରେ ରହିଥାଏ।

ସେ କେବଳ ଜଣେ ସଫଳ ରାଜନେତା ନୁହନ୍ତି, ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ଓଜସ୍ୱୀ ବକ୍ତା ଭାବରେ ମଧ୍ୟ ସାରା ଦେଶରେ ପରିଚିତ।

ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ରାଜ୍ୟପାଳ ଭାବେ ଦାୟିତ୍ୱ ପାଳନ କରୁଥିବା ସମୟରେ ସେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ଯେଉଁ ଲୋକାଭିମୁଖୀ ମାର୍ଗଦର୍ଶନ ସୃଷ୍ଟି କରିଥିଲେ, ତାହା ଆଜି ମଧ୍ୟ ସାଧାରଣ ଲୋକଙ୍କ ମନରେ ସ୍ମରଣୀୟ ହୋଇ ରହିଛି। ୧୯୭୨ ମସିହା ପୂର୍ବରୁ ଓଡ଼ିଶା ହାଇକୋର୍ଟର ଜଣେ ପ୍ରତିଷ୍ଠିତ ଆଇନଜୀବୀ ଭାବରେ ଖ୍ୟାତି ଅର୍ଜନ କରିଥିବା ଶ୍ରୀଯୁକ୍ତ ହରିଚନ୍ଦନ, ଜରୁରୀକାଳୀନ ପରିସ୍ଥିତି ସମୟରେ ଗଣତନ୍ତ୍ରର ସୁରକ୍ଷା ପାଇଁ ହୋଇଥିବା ଆନ୍ଦୋଳନରେ ନେତୃତ୍ୱ ନେଇ କାରାବରଣ ମଧ୍ୟ କରିଥିଲେ। ଏହା ତାଙ୍କର ନିର୍ଭୀକତା ଓ ସମ୍ବିଧାନ ପ୍ରତି ଅତୁଟ ସମ୍ମାନ ଓ ଆସ୍ଥାର ପ୍ରମାଣ। ସେ ଭାରତୀୟ ଜନତା ପାର୍ଟି ଓଡ଼ିଶା ଶାଖାର ପ୍ରତିଷ୍ଠାତା ସଭାପତି ଥିଲେ ଏବଂ ଚାରିଥର ସେହି ଦାୟିତ୍ୱ ଅଳଙ୍କୃତ କରିଥିଲେ। ୧୯୭୭ରୁ ୨୦୦୯ ମସିହା ପର୍ଯ୍ୟନ୍ତ ସେ ୫ ଥର ବିଧାୟକ ଓ ୪ ଥର କ୍ୟାବିନେଟ୍ ମନ୍ତ୍ରୀ ଭାବେ ଓଡ଼ିଶାବାସୀଙ୍କ ସେବା କରିଛନ୍ତି। ନିଜ ମାଟି, ନିଜ ଦେଶ ଓ ଜାତି ପ୍ରତି ଅଗାଧ ଭଲପାଇବା ରଖିଥିବା ଶ୍ରୀ ହରିଚନ୍ଦନ କେବଳ ଓଡ଼ିଶା ପାଇଁ ନୁହେଁ, ସାରା ଦେଶ ପାଇଁ ଗର୍ବ ଓ ଗୌରବ। ତାଙ୍କ ଦ୍ୱାରା ରଚିତ ପୁସ୍ତକ 'ବକ୍ସି ଜଗବନ୍ଧୁ: ଦି ଗ୍ରେଟ୍ କମାଣ୍ଡର' ଓଡ଼ିଶାର ପାଇକ ବୀର ବକ୍ସି ଜଗବନ୍ଧୁଙ୍କ ବୀରତ୍ୱ ଓ ସଂଘର୍ଷର ଗାଥାକୁ ସାରା ଦେଶବାସୀଙ୍କ ନିକଟରେ ପହଞ୍ଚାଇବ। ଏହି ପୁସ୍ତକ ଇତିହାସର ଅନାଲୋଚିତ ପ୍ରସଙ୍ଗଗୁଡ଼ିକୁ ଲୋକଲୋଚନକୁ ଆଣି ନୂତନ ଗବେଷଣାର ଦ୍ୱାର ଖୋଲିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# କ୍ୟାନ୍ସର ସଚେତନତା

**ଭୁବନେଶ୍ୱର,୯।୨ (ମହାଭାରତ):** ବିଶ୍ୱ କର୍କଟ ଦିବସ ଅବସରରେ ରାଜ୍ୟର ଜଣାଶୁଣା ସାମାଜିକ ସଂଗଠନ "କ୍ରାନ୍ତିକାରୀ ଫାଉଣ୍ଡେସନ୍" ପକ୍ଷରୁ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଏକ କ୍ୟାନସର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ସାରା ବିଶ୍ୱରେ ବିଶେଷକରି ଆମ ରାଜ୍ୟ ଓଡ଼ିଶାରେ ଦିନକୁ ଦିନ ମାତ୍ରାଧିକ ଲୋକ କ୍ୟାନସର ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି । ଏହି ରୋଗ ପୁରା ରାଜ୍ୟ ଓ ଦେଶକୁ ଗ୍ରାସ କରିବାରେ ଲାଗିଛି । ଏଥିରୁ ମୁକ୍ତି ପାଇବା ପାଇଁ ଆମେ ସମସ୍ତେ ଆଗକୁ ଆସି ସମାଜରେ ସଚେତନତାର ବର୍ତ୍ତିକା ବିବାକୁ ପଡ଼ିବ ବୋଲି କ୍ରାନ୍ତିକାରୀ ଫାଉଣ୍ଡେସନର ଅଧ୍ୟକ୍ଷ ଶ୍ରୀ ନଳିନୀକାନ୍ତ ନାୟକ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । କ୍ୟାନସରର ମୂଳ କାରଣ ନିଶା ସେବନ, ତେଣୁ ନିଶାରୁ ଦୂରେଇ ରହିବା ହିଁ ଆମ ସମସ୍ତଙ୍କ ପ୍ରାଥମିକତା ହେବା ଦରକାର । ନିଶାଯୁକ୍ତ ସମସ୍ତ ଖାଦ୍ୟ ଓ ପାନୀୟକୁ ବର୍ଜନ କରିପାରିଲେ ଆମେ ଏକ ସୁସ୍ଥ ସମାଜ ଗଠନ କରିପାରିବା । ଆଜି ବିଶ୍ୱ କ୍ୟାନସର ଦିବସରେ ଅନୁଷ୍ଠାନ ପକ୍ଷରୁ "ନିଶା ଛାଡନ୍ତୁ ସମାଜ ଗଢ଼ନ୍ତୁ, ନିଶା ଛାଡନ୍ତୁ ଜୀବନ ବାନ୍ତୁ" ନାରା ଦିଆଯାଇ ସଭିଙ୍କୁ ସଚେତନ କରାଇ ନିଶାଠାରୁ ଦୂରେଇ ରହିବାକୁ ଆହ୍ୱାନ ଦିଆଯାଇଥିଲା । ନିଶାମୁକ୍ତ ସମାଜ ହେଲେ ହିଁ କ୍ୟାନସରମୁକ୍ତ ସମାଜ ସମ୍ଭବପର ହେବ ବୋଲି ଶ୍ରୀ ନାୟକ କହିଥିଲେ । ଏହାସହ ଏକ କ୍ୟାନସର ମୁକ୍ତ ସମାଜ ଉଦେ୍ଦଶ୍ୟରେ ଏକ ଦସ୍ତଖତ ଅଭିଯାନ ମଧ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକକର୍ମୀ ମୀର ଅହମ୍ମଦ ଅଲ୍ଲୀ, ସୁଦାମ ପ୍ରଧାନ, ତାପସ ଦେ, ପ୍ରଜ୍ଞା ପରମିତା ମହାନ୍ତି, ମନସ୍ତୃପ୍ତି ମହାପାତ୍ର, ପୂର୍ଣ୍ଣିମା ନାୟକ, ସ୍ୱର୍ଣ୍ଣଲତା ନାୟକ, ସରୋଜ ପ୍ରଧାନ, ଜଗନ୍ନାଥ ସାହୁ, ବିଷ୍ଣୁପ୍ରସାଦ ସାହୁ କ୍ଷୀରୋଦ ଜେନା, ଜୟପ୍ରକାଶ ନାୟକ, ଅମୀୟ ନାୟକଙ୍କ ସମେତ ଅନେକ ଛାତ୍ରଛାତ୍ରୀ ଓ ସାମାଜିକକର୍ମୀମାନେ ଉପସ୍ଥିତ ରହିଥିଲେ।

# ଉଚ୍ଚଶିକ୍ଷା ବ୍ୟବସ୍ଥା ଏବେ କୋମାରେ

**ଭୁବନେଶ୍ୱର,୯।୨ (ମହାଭାରତ):** ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଗୈରୀକ କରଣ କରିବାପାଇଁ ଉଦ୍ୟମ କରାଯାଉଛି, ଯେଉଁଥିପାଇଁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଭୁଶୁଡିବାରେ ଲାଗିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଡ଼ ଅରୁଣ ସାହୁ, ଦଳର ଯୁବ ସଭାପତି ଶ୍ରୀ ଚିନ୍ମୟ ସାହୁ, ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ । ଡ଼ ଅରୁଣ ସାହୁ କହିଥିଲେ, ୨୦୨୦ ମସିହାରେ କିଛି ଅସଙ୍ଗତିକୁ ଦୂର କରିବା ପାଇଁ, ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍



ସରକାର ଆଣିଥିଲେ । ଏହାଛଡା ତତ୍କାଳୀନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପ୍ରସ୍ତାବକ୍ରମେ ଓପିଏସସିକୁ ଉଚ୍ଚଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତିର ଦାୟିତ୍ୱ ଦିଆଯାଇଥିଲା । ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ, ୨୦୨୪ ମସିହାରେ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ଆଣିଥିଲେ । ଏହାପରେ, ୨୦୨୫ ମସିହା ବେଳକୁ ଆଉଥରେ ଆମେଣ୍ଡମେଣ୍ଟ ବିଲ୍ ଆଣିଲେ । ଏହି ସଂଶୋଧନ ବିଲ୍ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଗୁଡିକରେ କୁଳପତି ନିଯୁକ୍ତି ପାଇଁ ସର୍ଚ୍ଚ କମିଟି ମନୋନୟନ ନିୟମରେ ପରିବର୍ତ୍ତନ ଅଣାଯାଇଛି । ପୂର୍ବରୁ ଯୋଗ୍ୟତା ଭିତିରେ ମନୋନୟନ କରାଯାଉଥିବା ବେଳେ ନୂଆ ନିୟମ ଅନୁଯାୟୀ ପର୍ସନ ଅଫ ଏମିନେନ୍ସଙ୍କୁ ନିଯୁକ୍ତି ଦିଆଯାଇ ପାରିବ ବୋଲି କୁହାଯାଇଛି । ପରିବର୍ତ୍ତିତ ନିୟମ ଅନୁଯାୟୀ, ରାଜ୍ୟ ସରକାର ରାଜ୍ୟପାଳଙ୍କ ପାଖକୁ ତିନୋଟି ନାମର ପ୍ରସ୍ତାବ ରଖିବେ ଓ ସେହି ତିନି ଜଣଙ୍କ ମଧ୍ୟରୁ ରାଜ୍ୟପାଳ ଜଣଙ୍କୁ ସର୍ଚ୍ଚ କମିଟିର ଅଧ୍ୟକ୍ଷ ଭାବେ ମନୋନୟନ କରିବେ ।

# ରାଜ୍ୟ ଅବକାରୀ କ୍ରୀଡା ସମାରୋହ ଉଦଘାଟିତ

**ଭୁବନେଶ୍ୱର,୯।୨ (ମହାଭାରତ):** କଟକ ସ୍ଥିତ ସତ୍ୟବ୍ରତ ଷ୍ଟାଡିୟମ ଠାରେ ଅବକାରୀ ବିଭାଗର ୫୧ ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେଯେ କାର୍ଯ୍ୟକ୍ଷେତ୍ରରେ ସଫଳ ହେବାକୁ ହେଲେ ନିଷ୍ଠାବାନ ହେବା ସହ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବାକୁ ପଡିବ । ଆଜି ଉଦଘାଟିତ ଏହି କ୍ରୀଡ଼ା ଉତ୍ସବ ବିଭାଗର ଅଧିକାରୀ ଓ କର୍ମଚାରଙ୍କ ମଧ୍ୟରେ ଖେଳୁଆଡ଼ ଭାବନା ସୃଷ୍ଟି କରିବା ସହ ଭବିଷ୍ୟତରେ ସେମାନଙ୍କୁ ଅଧିକ ଦକ୍ଷ କରି ଗଢ଼ିତୋଳିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ସମ୍ମାନିତ ଅତିଥି ଭାବେ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ଅବକାରୀ ଆୟୁକ୍ତ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡି, ପୂର୍ବତନ ଅଲିମ୍ପିକ କ୍ରୀଡ଼ାବିତ ଡ଼. ଅନୁରାଧା ବିଶ୍ୱାଳ ଏବଂ କଳାକାର ତଥା ସମାଜସେବୀ ଶ୍ରୀମତୀ ପିଙ୍କି ପ୍ରଧାନ ଉପସ୍ଥିତ ରହି ଉଦ୍ଘାଟନୀ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। ଉତ୍ସବରେ ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟ ଓ ଓଏସବିସି ର ଅଧିକାରୀ ଓ କର୍ମଚାରୀବୃନ୍ଦ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଉଦଘାଟନୀ କାର୍ଯ୍ୟକ୍ରମର ଏକ ଆକର୍ଷଣୀୟ ଅଂଶ ଭାବେ ଶ୍ରୀ ଧନେଶ୍ୱର ବରାଦ,ଡିଏସଇଙ୍କ



ତତ୍ୱାବଧାନରେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଏକ ସୁସଂଗଠିତ ପରେଡ଼ ଆୟୋଜିତ ହୋଇଥିଲା। ଏହାପରେ ମୁଖ୍ୟ ଅତିଥି ତଥା ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅବକାରୀ ବିଭାଗର ସଫଳତା ସମ୍ବଳିତ ଏକ ପୁସ୍ତିକା ଏବଂ ନିଶାଦ୍ରବ୍ୟ ଦ୍ରବ୍ୟ ବିରୁଦ୍ଧରେ ଜନସଚେତନତା ବୃଦ୍ଧି ନିମନ୍ତେ ପ୍ରସ୍ତୁତ ଆଇଇସି ଭିଡିଓ କୁ ଉନ୍ମୋଚନ କରିଥିଲେ। ସେହିପରି ଅବକାରୀ ବିଭାଗର କ୍ଷେତ୍ର ସ୍ତରର କାର୍ଯ୍ୟଦକ୍ଷତା ଓ ପ୍ରଯୁକ୍ତିମୂଳକ ସୁଦୃଢତାକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଅବକାରୀ ଜିଲ୍ଲାର ଅଧିକାରୀମାନଙ୍କୁ ୪୮ ଗୋଟି ବଡି କ୍ୟାମେରା ବଣ୍ଟନ କରିଥିଲେ। ଆଗାମୀ ଦିନରେ ସମସ୍ତ ଜିଲ୍ଲାର ଅଧିକାରୀମାନଙ୍କୁ ଉକ୍ତ କ୍ୟାମେରା ପ୍ରଦାନ କରାଯିବାର ଯୋଜନା ରହିଛି । ଏହା ସହିତ ଧରପକଡ କାର୍ଯ୍ୟକଳାପରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ବାଲେଶ୍ୱର, ମୟୁରଭଞ୍ଜ, ଭୁବନେଶ୍ୱର, ଭଦ୍ରକ, ଗଞ୍ଜାମ, ପୁରୀ ଜିଲ୍ଲାମାନଙ୍କୁ ଏବଂ ଇଆଇ ଆଣ୍ଡ ଇବି ୟୁନିଟ୍ (ଏନଡି)ସମ୍ବଲପୁରକୁ ମାନ୍ୟବର ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।

ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡା ଉତ୍ସବରେ ଓଡିଶାର ସମସ୍ତ ୩୩ଟି ଅବକାରୀ ଜିଲ୍ଲା ଓ ୪ଟି ଇଆଇ ଆଣ୍ଡ ଇବି ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ସର୍ବମୋଟ ୧୬ଟି ବିଭାଗରେ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ଏବଂ ୧୧ଟି ବିଭାଗରେ ୧୮୧ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି ଦୌଡ଼, ୪୦୦ମି ଦୌଡ଼, ୮୦୦ ମି ଦୌଡ଼, ୧୫୦୦ ମି ଦୌଡ଼, ୩୦୦୦ ମି ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡ଼ିଆଁ, ଟ୍ରିପଲ ଜମ୍ପ, ଶଟ ପୁଟ ଥ୍ରୋ, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ଭୋଲି ବଲ୍, ବ୍ୟାଡମିଣ୍ଟନ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି । ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

**ଭୁବନେଶ୍ୱର,୯।୨ (ମହାଭାରତ):** ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି । ଏହି ମେଳାକୁ ଆନୁଷ୍ଠାନିକ ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉଦ୍‌ଘାଟନ କରି କହିଛନ୍ତି, "ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ନିଦର୍ଶନ । ଏହା ସ୍ୱଦେଶୀ, ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ । ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ।" ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ନିଜ ପ୍ରତିକ୍ରିୟାରେ କହିଛନ୍ତି, "ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ମଂଚ । ଉତ୍କୃଷ୍ଟ ବୟନ କଳାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ପ୍ରଦର୍ଶନୀ ମାଧ୍ୟମରେ ବିପଣନ ସହ ଯୁବପିଢିଙ୍କୁ ଆକୃଷ୍ଟ କରିବା ଭଳି ନୂଆ ଡିଜାଇନ୍ ଓ ଡିଜିଟାଲ୍ ମାର୍କେଟିଂକୁ ମଧ୍ୟ ଆମେ ଉତ୍ସାହିତ କରୁଛୁ ।" ଏହି ମେଳା ୨୨ ଫେବୃଆରୀ ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରତ୍ୟେକ ଦିନ ଦିବା ୧୧ ଘଟିକାରୁ ୯.୩୦ ମିନିଟ୍ ମଧ୍ୟରେ ଲୋକମାନେ ବିଶେଷ ରିହାତି ଦରରେ ମନପସନ୍ଦର ହାତତିଆରି ବସ୍ତ୍ର କିଣିପାରିବେ । ଚଳିତଥର ମୋଟ୍ ୮୦ ଟି ଷ୍ଟଲ୍ ଖୋଲାଯାଇଛି । ବୁଣାକାରଙ୍କ ହିତକୁ ପ୍ରାଥମିକତା ଦେବାକୁ ଯାଇ ପ୍ରଥମଥର ପାଇଁ ସମସ୍ତ ଷ୍ଟଲ୍ ବିନା ମୂଲ୍ୟରେ ବଂଟନ କରାଯାଇଛି । ଓଡ଼ିଶାର ୫୦ଟି ପ୍ରାଥମିକ ବୁଣାକାର ସମବାୟ ସମିତି, ଗୋପାଳପୁର ଟାଟା ଅନ୍ତରନ ସମେତ ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ରେଶମ ଓଡ଼ିଶା ଏଥିରେ ଅଂଶଗ୍ରହଣ କରୁଛନ୍ତି । ଏହା ବ୍ୟତୀତ ରାଜ୍ୟ ବାହାରୁ ୨୦ ଜଣ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି । ଉତରପ୍ରଦେଶ, ଜମ୍ମୁ-କାଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ହରିୟାଣା, ତାମିଲନାଡୁ, ତେଲେଙ୍ଗାନା, ଦିଲ୍ଲୀ, ବିହାର, ଉତ୍ତରାଖଣ୍ଡ, ପଞ୍ଜାବ, ଗୁଜରାଟର ବୁଣାକାର ଏଥିରେ ଅଂଶଗ୍ରହଣ କରିଛନ୍ତି । ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିମ୍ ପାଭିଲିୟନ, ଯାହା ଧଉଳି ଶାନ୍ତିସ୍ତୁପ ଥିମ୍ ଉପରେ ନିର୍ମାଣ କରାଯାଇଛି । ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଅଂଚଳର ଲୋକାଦୃତ ବୟନବସ୍ତ୍ର ଯଥା: ସମ୍ବଲପୁରୀ ଇକ୍କତ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, କୋଟପାଡ୍ ଆଦି ଉପଲବ୍ଧ ହେବ । ଏହି ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଜାମ୍ମୁ କାଶ୍ମୀରର ପଶ୍ମିନା-ସାଲ୍, ତାମିଲନାଡୁର କାଞ୍ଜିବରମ୍ ପାଟଶାଢ଼ୀ, ଦିଲ୍ଲୀ, ହରିୟାନାର ଫର୍ନିସିଙ୍ଗବସ୍ତ୍ର, କର୍ଣ୍ଣାଟକର ସିଲ୍କ ଶାଢ଼ୀ ଆଦି ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ।



# ମହାନଦୀ ବିତର୍କ ପାଇଁ ବିଜେଡିକୁ ସୁରେଶଙ୍କ ଆହ୍ୱାନ

**ଭୁବନେଶ୍ୱର,୯।୨ (ମହାଭାରତ):** ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ବିଜେଡ଼ିକୁ କଡ଼ା ଜବାବ ଦେଲ ରାଜସ୍ୱ ମନ୍ତ୍ରୀ । ଏ ପ୍ରସଙ୍ଗ ଉତ୍ଥାପନ କରିବା ସହ ବିଧାନସଭା ଭିତରରେ ଓ ମଧ୍ୟବାହାରେ ବିତର୍କ ପାଇଁ ବିଜେଡ଼ିକୁ ପୁଣି ଆହ୍ୱାନ କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଯଦି ସତସାହସ ଅଛି, ତେବେ ଓଡ଼ିଶାକୁ ନ୍ୟାୟ ଦେବା ପାଇଁ ସେମାନେ କଣ ପଦକ୍ଷେପ ନେଇଥିଲେ କୁହନ୍ତୁ । ସେ କହିଛନ୍ତି ଯେ, ତଥ୍ୟ ଆମ ପାଖରେ ଅଛି । ନିଜେ ହାରିବା ପାଇଁ କେଉଁ କେଉଁ ଘାତକ ଅସ୍ତ୍ର ତିଆରି କଲେ ଓ ଛତିଶଗଡକୁ ଦେଲେ ଆମେ କହିବୁ । ଆମେ କଣ ପଦକ୍ଷେପ ନେଇଛୁ ତାହା ଉପସ୍ଥାପନ କରିବୁ । ଓଡ଼ିଶାବାସୀ ଦେଖିବେ କିଏ ସାତ କହୁଛି କିଏ ମିଛ କହୁଛି । ପୂର୍ବ ସରକାର ଏତେ ଦିନ ପର୍ଯ୍ୟନ୍ତ ଓଡ଼ିଶା ପକ୍ଷ ରଖିବା ପାଇଁ ଯେଉଁ ଓକିଲ ମାନଙ୍କୁ ନିଯୁକ୍ତ କରିଥିଲେ । ୪୯ଟି ଶୁଣାଣି ହେଲା, କିନ୍ତୁ ପ୍ରକୃତ କାର୍ଯ୍ୟ ଘଣ୍ଟେ ମଧ୍ୟ ହୋଇନାହିଁ । ଟ୍ରିବ୍ୟୁନାଲରେ କେସ ଚାଲିଛି, ଚାଲିବ । ଏ କେସକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଏବେ ଓଡ଼ିଶା ସରକାର ଓକିଲ ନିଯୁକ୍ତ କରିଛନ୍ତି । ଯଦି ଆବଶ୍ୟକ ପଡ଼ିବ ଆହୁରି ଓକିଲ ନିଯୁକ୍ତି କରାଯିବ । ନିଷ୍କର୍ଷ



ବାହାରିବା ପର୍ଯ୍ୟନ୍ତ ପକ୍ଷ ରଖାଯିବ । କିନ୍ତୁ ଉଭୟ ରାଜ୍ୟ ମଧ୍ୟରେ ସାଂସଦୀୟ ଗଣତାନ୍ତ୍ରରେ ଆଲୋଚନା ବନ୍ଦ କରି ଦେବା କି ? ବିଜେଡ଼ି କଥାବାର୍ତ୍ତାରେ ବିଶ୍ୱାସ କରେ ନାହିଁ, ଆମେ ବିଶ୍ୱାସ କରୁ । ଯଦି ଦେଶ - ଦେଶ ଭିତରେ କଥାବାର୍ତ୍ତା ହୋଇପାରୁଛି, ହେବେ ସଂସଦୀୟ ଗଣତନ୍ତ୍ରରେ ରାଜ୍ୟ - ରାଜ୍ୟ ଭିତରେ କଥାବାର୍ତ୍ତା ହେବା ଉଚିତ ନୁହେଁ କି ? ଲାଗୁଛି, ପ୍ରସନ୍ନ ବାବୁଙ୍କ ଏହା ନିଜର ଭାଷା ନୁହେଁ । ତାଙ୍କୁ ଏଭଳି ଭାଷା ପ୍ରୟୋଗ କରିବା ପାଇଁ ବୋଧେ ବିଜେଡ଼ି କହିଥିବ । ବିଜେଡ଼ି ଚାହୁଁଛି କି ଏ ପ୍ରସଙ୍ଗରେ ଓଡ଼ିଶାର କ୍ଷତି ହେଉ । ବିଧାନସଭାରେ ଯଦି ସେମାନେ କଣ ପଦକ୍ଷେପ ନେଇଥିଲେ, ବିଜେପି ସରକାର କଣ ପଦକ୍ଷେପ ନେଇଛନ୍ତି, ଓଡିଶାବାସୀଙ୍କୁ ଜଣାଇବା ପାଇଁ ଚାହୁଁଛନ୍ତି। ତେବେ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। କେତେ ଜଳ କମିବ ତାହାର ମଧ୍ୟ ତଥ୍ୟ ପୂର୍ବ ବିଜେଡ଼ି ସରକାର ପାଖରେ ନଥିଲା। ବିନା ଅସ୍ତ୍ରରେ ଯୁଦ୍ କରିବାକୁ ଯାଇହୁଏ କି ? ନିଜେ ଅସ୍ତ୍ର ତିଆରି କରି ବିଜେଡ଼ି ଛତିଶଗଡକୁ ଦେଇଦେଲା । ନିରସ୍ତ୍ର ହୋଇ ଛତିଶଗଡ଼ ସହ ଲଢେଇ କଲା ଓ ଅପଦସ୍ତ ହେଲା । ଆଉ ଏବେ ଅନ୍ୟକୁ ଦୋଷ ଦେଉଛନ୍ତି । ତେଣୁ ଅନ୍ୟକୁ ଦୋଷ ନଦେଇ ଥରେ ଦର୍ପଣ ସାମ୍ନାରେ ଛିଡ଼ା ହୋଇ ନିଜକୁ ପଚାରନ୍ତୁ, ଓଡ଼ିଶା ପାଇଁ କଣ ନ୍ୟାୟ କରୁଛନ୍ତି।

# ମଲାଇକାଙ୍କ ଦ୍ୱାରା କଲ୍ୟାଣ ଜୁଏଲର୍ସ ସୋ'ରୁମ ଉଦଘାଟିତ

**ଢେଙ୍କାନାଳ,୯।୨ (ମହାଭାରତ):** ଭାରତର ଏକ ଅତ୍ୟନ୍ତ ବିଶ୍ୱସ୍ତ ଏବଂ ଅଗ୍ରଣୀ ଅଳଙ୍କାର କମ୍ପାନି କଲ୍ୟାଣ ଜୁଏଲର୍ସ ପକ୍ଷରୁ ଆଜି ଓଡ଼ିଶାର ଢେଙ୍କାନାଳର ଫିଲିଂ ଷ୍ଟେସନ ନିକଟବର୍ତ୍ତୀ ଗୁଡିଆନାଳିରେ ନୂତନ ଶୋରୁମ୍ ଉଦଘାଟନ



କରାଯାଇଛି। ବଲିଉଡ ଅଭିନେତ୍ରୀ ମଲାଇକା ଆରୋରା ଏହି ଶୋରୁମ୍ ଉଦଘାଟନ କରିଛନ୍ତି। ଏହି ସୋରୁମ ଜରିଆରେ କମ୍ପାନୀ ଏହି ଅଞ୍ଚଳରେ ବ୍ରାଣ୍ଡର ଉପସ୍ଥିତି ଆହୁରି ଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି । ଏହି ଶୋରୁମ୍ କଲ୍ୟାଣ ଜୁଏଲର୍ସର ବିଭିନ୍ନ ମନୋହର ଡିଜାଇନ୍ ଯଥା ମୁହୁରତ୍ (ବିବାହ ଅଳଙ୍କାର), ମୁଦ୍ରା (ହସ୍ତକଳା ପ୍ରାଚୀନ ଅଳଙ୍କାର), ନିମାହ (ମନ୍ଦିର ଅଳଙ୍କାର) ଆଦି ଲୋକପ୍ରିୟ ଘରୋଇ ବ୍ରାଣ୍ଡଗୁଡିକୁ ଉପସ୍ଥାପନ କରିଛି। ଏକ ବିଳାସପୂର୍ଣ୍ଣ ପରିବେଶ ଓ କଲ୍ୟାଣ ଜୁଏଲର୍ସ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ସିଗନେଚର୍ ଅଳଙ୍କାର ଶ୍ରେଣୀର ଏକ ବିସ୍ତୃତ ସଂଗ୍ରହ ସହିତ ନୂତନ ଶୋରୁମ ଏହି ଅଞ୍ଚଳର ଗ୍ରାହକମାନଙ୍କୁ ଏକ ଅତୁଳନୀୟ କ୍ରୟ ଅନୁଭୂତି ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇଛି। ଏହି ଅବସରରେ ବଲିଉଡ୍ ଅଭିନେତ୍ରୀ ମାଲାଇକା ଆରୋରା କହିଛନ୍ତି ଯେ, "ମୁଁ କଲ୍ୟାଣ ଜୁଏଲର୍ସର ନୂତନ ସୋ'ରୁମ ଉଦଘାଟନର ଅଂଶ ହୋଇଥିବାରୁ ପ୍ରକୃତରେ ଆନନ୍ଦିତ।ଏକ ବ୍ରାଣ୍ଡକୁ ପ୍ରତିନିଧିତ୍ୱ କରିବା ଏକ ସମ୍ମାନର ବିଷୟ ଯାହା ନିରନ୍ତର ବିଶ୍ୱାସ, ପାରଦର୍ଶିତା ଏବଂ ଏକ ଦୃଢ଼ ଗ୍ରାହକ-ପ୍ରଥମ ଦର୍ଶନକୁ ସମର୍ଥନ କରିଆସିଛି । ମୁଁ ଆଶା କରୁଛି ଯେ ଏହି ସହରର ଗ୍ରାହକମାନେ କଲ୍ୟାଣ ଜୁଏଲର୍ସକୁ ନିଜର ଭଲପାଇବା ପ୍ରଦାନ କରିବେ ଏବଂ ବ୍ରାଣ୍ଡର ଅସାଧାରଣ ସେବା ମାନଦଣ୍ଡ ଏବଂ ଏହାର ବିବିଧ ପ୍ରକାରର ମନୋହର ଅଳଙ୍କାର ସଂଗ୍ରହକୁ ଅନୁଭବ କରିପାରିବେ।" ଉଦଘାଟନ ଉପଲକ୍ଷେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ରମେଶ କଲ୍ୟାଣରମଣ କହିଛନ୍ତି ଯେ, "ଢେଙ୍କାନାଳରେ ଆମର ନୂତନ ଶୋରୁମ୍ ଉଦଘାଟନ ସହିତ ଆମେ ଏକ ସମ୍ପୂର୍ଣ୍ଣ କ୍ରୟ ଗନ୍ତବ୍ୟସ୍ଥଳ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯାହା ଆମର ଗ୍ରାହକମାନଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବ। ଆମର ପ୍ରତିବଦ୍ଧତା ହେଉଛି ବିଶ୍ୱସ୍ତରୀୟ ପରିବେଶ ଓ ସେବା ମାଧ୍ୟମରେ ଏକ ଉନ୍ନତ ଅନୁଭୂତି ପ୍ରଦାନ କରିବା ଓ କଲ୍ୟାଣ ଜୁଏଲର୍ସର ବିଶ୍ୱାସ ଏବଂ ପାରଦର୍ଶିତାର ଚିରସ୍ଥାୟୀ ମୂଲ୍ୟବୋଧରେ ଦୃଢ଼ଭାବେ ଅଟଳ ରହିବା।"

# ଓୟୁଟିଆରରେ ଇଞ୍ଜିନିୟର୍ସ କପରେ ସୋଆର ସଫଳତା

**ଭୁବନେଶ୍ୱର,୯।୨ (ମହାଭାରତ):** ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ପକ୍ଷରୁ ଆୟୋଜିତ ଇଞ୍ଜିନିୟର୍ସ କପ୍ ୨୦୨୬ରେ ସଫଳତା ହାତେଇଛି ସୋଆ। ଓୟୁଟିଆର ବିଶ୍ୱବିଦ୍ୟାଳୟର ଏହି ବାର୍ଷିକ କ୍ରୀଡ଼ା ମହୋତ୍ସବକୁ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ସୋସାଇଟି ଆୟୋଜନ କରିଥିବା ବେଳେ ୭ଟି କ୍ରୀଡ଼ା ବିଭାଗରେ ସଫଳତା ସାଉଁଟିଛି ସୋଆ। ଏହି ସଫଳତା ହାସଲ ନେଇ ବିଜୟୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ। ଆୟୋଜିତ ପ୍ରତିଯୋଗିତାରେ ସୋଆର ଭଲିବଲ ପୁରୁଷ ଟିମ୍ ରନର୍ସ ଅପ୍ ଟାଇଟଲ ହାସଲ କରିଥିବା ବେଳେ ଖୋ ଖୋ ପୁରୁଷ ଟିମ୍ ଓ ଖୋ ଖୋ ମହିଳା ଟିମ୍ ମଧ୍ୟ ରନର୍ସ ଅପ୍ ଟାଇଟଲ୍ ହାସଲ କରିଛନ୍ତି। ସେହିପରି କବାଡି ପୁରୁଷରେ ମଧ୍ୟ ରନର୍ସ ଅପ୍ ଟାଇଟଲ୍ ହାସଲ କରିଛି ସୋଆ। କ୍ରିକେଟ ପ୍ରତିଯୋଗିତାରେ ସୋଆ ବିଜେତା କପ୍ ହାତେଇଛି। ସେହିପରି ବ୍ୟାଡମିଂଟନ ମହିଳା ଓ ଇ-ସ୍ପୋର୍ଟ୍ସରେ ମଧ୍ୟ ଚାମ୍ପିଅନ୍ ଟାଇଟଲ୍ ହାସଲ କରିଛି ସୋଆ। ବୁଧବାର ବିଜେତା ଟିମ୍ ସୋଆର ପ୍ରତିଷ୍ଠାତା ସଭାପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିବା ବେଳେ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତୋରତର କାମନା କରିଛନ୍ତି ପ୍ରଫେସର ନାୟକ। କବାଡି ଟିମ୍‌ର କୋଚ୍ ବିରଂଚି ନାରାୟଣ ନାୟକ ରହିଥିବା ବେଳେ ଖୋ ଖୋର କୋଚ ଭାବେ ରାକେଶ ଦାସ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଟେବୁଲ ଟେନିସ୍ କୋଚ ସାହିଦ୍ ହୁସେନ୍ ରହିଥିବା ବେଳେ ଭଲିବଲ୍‌ର ଆସିଷ୍ଟାଂଟ କୋଚ ହେଉଛନ୍ତି ପ୍ରିୟମ୍ବଦା ଦାଶ। ବିଜେତା ଟିମ୍ ସୋଆର ପ୍ରତିଷ୍ଠାତା ସଭାପତିଙ୍କୁ ସାକ୍ଷାତ କରିବା ସମୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଫ୍ୟାକଲ୍ଟି କୋଅର୍ଡିନେଟର ସ୍ପୋର୍ଟ୍ସ (ଆଇଟିଇଆର୍) ଡକ୍ଟର ତନ୍ମୟ ପରିଡ଼ା, ଆସିଷ୍ଟାଂଟ ସ୍ପୋର୍ଟ୍ସ ମ୍ୟାନେଜର ଶ୍ରୀ ପ୍ରିୟମ୍ ମଲ୍ଲିକ, ବିଜେତା ଟିମ୍ ଓ ତାଙ୍କ କୋଚ ପ୍ରମୁଖ ଉପସ୍ଥିତ ଥିଲେ।



# ଓଡ଼ିଶାରେ ରେଳବିକାଶ

ବିଭିନ୍ନ କ୍ଷେତ୍ରରେ ପଛୁଆ ରାଜ୍ୟ ଭାବେ ପରିଗଣିତ ହୋଇଆସୁଥିବା ଓଡ଼ିଶାରେ ରେଳବିକାଶ ମଧ୍ୟ ସନ୍ତୋଷଜନକ ହୋଇପାରିନାହିଁ। ଏକ ଉପକୂଳବର୍ତ୍ତୀ ରାଜ୍ୟ ଏବଂ ଖଣି ସମୃଦ୍ଧ ରାଜ୍ୟ ହୋଇଥିଲେ ମଧ୍ୟ ଓଡ଼ିଶା ଏକ ଅପେକ୍ଷାକୃତ ଗରିବ ରାଜ୍ୟ ଯାହା ଏକ ବ୍ୟତିକ୍ରମ କହିଲେ ଭୁଲ ହେବନି। ବିଶ୍ୱର ଅଧିକାଂଶ ସମୃଦ୍ଧ ଅଞ୍ଚଳ ବା ନଗରୀ ସମୁଦ୍ର କୂଳରେ ଅବସ୍ଥିତ। ପ୍ରାକୃତିକ ସମ୍ପଦରେ ଭରପୁର ଓଡ଼ିଶା କାହିଁକି ଦରୀଦ୍ର ତାହା ଏକ ଭିନ୍ନ ପ୍ରସଙ୍ଗ ଏବଂ ଏହା ଉପରେ ଚର୍ଚ୍ଚା ହେଲେ ମାସ ମାସ ଲାଗିଯିବ ଏହା ଏକ ବଡ଼ ବିତର୍କର ବିଷୟ। ଏହା ପଛରେ ରହିଛି ଐତିହାସିକ, ଭୌଗଳିକ ଏବଂ ରାଜନୈତିକ କାରଣ। ସ୍ୱାଧୀନତା ପୂର୍ବ କଥା ଛାଡ଼। ସ୍ୱାଧୀନତା ପରେ ବିଗତ ୭୫ ବର୍ଷ ଭିତରେ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ବିକାଶ ସେଭଳି ହୋଇନାହିଁ ଯାହା ଆଶା କରାଯାଉଥିଲା। ସମ୍ଭବତଃ ଦୁର୍ବଳ ରାଜନୈତିକ ନେତୃତ୍ୱ ଏହାର ଏକ ପ୍ରମୁଖ କାରଣ। ୟୁପି, ବିହାର, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଦିଲ୍ଲୀ ଦରବାରରେ ଯେପରି ଭାବେ ନିଜର ଲବି ସୃଷ୍ଟି କରିଛନ୍ତି ତାହା ଓଡ଼ିଶା କରିପାରିନାହିଁ। ବିଜୁ ପଟ୍ଟନାୟକ ଓ ଡକ୍ଟର ରେକୃଷ୍ଣ ମହତାବଙ୍କୁ ବାଦ ଦେଲେ ଅନ୍ୟ କେହି ଟାଣୁଆ ନେତା ଓଡ଼ିଶାରୁ ବାହାରି ପାରିନାହାଁନ୍ତି। ଯେଉଁମାନେ ସ୍ୱଳ୍ପ ସମୟ ପାଇଁ ପ୍ରଭାବ ବିସ୍ତାର କରିଛନ୍ତି ସେମାନେ ଓଡ଼ିଶା ନେତାଙ୍କ କଙ୍କଡ଼ା ଗୁଣ ଯୋଗୁ ପରବର୍ତ୍ତୀ ସମୟରେ ଦବି ଯାଇଛନ୍ତି। କେନ୍ଦ୍ରରେ ଦୀର୍ଘ ବର୍ଷ ଧରି କ୍ଷମତାରେ ଥିବା କଂଗ୍ରେସ ସବୁ ବେଳେ ଓଡ଼ିଶାକୁ ହୀନ ଦୃଷ୍ଟିରେ ଦେଖି ଆସିଛି। କେନ୍ଦ୍ରରେ ଯେତେବେଳେ କଂଗ୍ରେସ କ୍ଷମତାସୀନ ହୋଇଛି ସେତେବେଳେ ଓଡ଼ିଶା ଅବହେଳିତ ହୋଇଛି। ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଅବହେଳିତ ହୋଇଆସିଛି। ଏହା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହେଲା ରେଳବାଇ। ସାମାଜିକ ଓ ଅର୍ଥନୈତିକ ବିକାଶରେ ରେଳବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ସ୍ୱାଧୀନତା ପରେ ଭାରତର ଅନ୍ୟ ରାଜ୍ୟରେ ରେଳ ବିକାଶ ଯେପରି ତ୍ୱରାନ୍ୱିତ ହୋଇଛି ଓଡ଼ିଶାରେ ତାହା ହୋଇନାହିଁ। ସ୍ୱାଧୀନତା ପୂର୍ବରୁ ଇଂରେଜମାନେ କଲିକତାରୁ ମାଡ୍ରାସକୁ ରେଳ ଲାଇନ ବିଛାଇବା ବେଳେ ସୌଭାଗ୍ୟ ବଶତଃ ଏହା ଓଡ଼ିଶା ଦେଇ ଗଲା। ନଚେତ ଓଡ଼ିଶାବାସୀ ଅନେକ ବର୍ଷ ପର୍ଯ୍ୟନ୍ତ ଟ୍ରେନ ଦେଖିବାର ସୁଯୋଗ ପାଇନଥାନ୍ତେ। ତାଳଚେରରେ କୋଇଲା ଖଣି ଆବିଷ୍କୃତ ହେବା ପରେ ସେଠାକୁ ମଧ୍ୟ ବ୍ରିଟିଶ ଅମଳରୁ ରେଳ ଲାଇନ ନିର୍ମିତ ହେଲା। କିନ୍ତୁ କେନ୍ଦ୍ରରେ କଂଗ୍ରେସ କ୍ଷମତାସୀନ ଥିବା ବେଳେ ଓଡ଼ିଶାରେ ରେଳ ବିକାଶ ପ୍ରତି ଆଖି ବୁଜି ଦେଇଥିଲା। ତେବେ ୧୯୭୭ରେ ପ୍ରଥମ ଥର ପାଇଁ କେନ୍ଦ୍ରରେ ଅଣ କଂଗ୍ରେସ ସରକାର ଗଠିତ ହେଲା। ଏହା ପରେ ବିଭିନ୍ନ ସମୟରେ କେନ୍ଦ୍ରରେ ଅଣ କଂଗ୍ରେସ ସରକାର ପ୍ରତିଷ୍ଠିତ ହୋଇଛି। ଯେତେବେଳେ କେନ୍ଦ୍ରରେ ଅଣ କଂଗ୍ରେସ ସରକାର ଗଠିତ ହୋଇଛି ସେତେବେଳେ ଓଡ଼ିଶାରେ ରେଳ ବିକାଶ ତ୍ୱରାନ୍ୱିତ ହୋଇଛି। ୧୯୭୭ରେ ଜନତା ସରକାର ସମୟରେ ପ୍ରଫେସର ମଧୁ ଦଣ୍ଡବତେ ଥିଲେ ରେଳମନ୍ତ୍ରୀ। ତାଙ୍କ ସମୟରେ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ଚଳାଚଳ ଆରମ୍ଭ ହେଲା। ପରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟ ହାତକୁ ନିଆଯାଇଥିଲା। ଅଶୀ ଦଶକରେ ଓଡ଼ିଶାରେ ରେଳ ବିକାଶ ପୁରା ଧିମେଇ ଗଲା। ନବେ ଦଶକରେ ପି ଭି ନରସିଂହ ରାଓଙ୍କ ସମୟରେ କେନ୍ଦ୍ରରେ କାହ୍ନୁ ଚରଣ ଲେଙ୍କା ଥିଲେ ରେଳବାଇ ରାଷ୍ଟ୍ରମନ୍ତ୍ରୀ। ତାଙ୍କ ସମୟରେ ଓଡ଼ିଶାରେ କିଛିଟା ରେଳ ବିକାଶ ସମ୍ଭବ ହୋଇ ପାରିଥିଲା। ୧୯୯୬ରେ ଦେବଗୌଡ଼ାଙ୍କ ନେତୃତ୍ୱରେ ଜନତା ସରକାର ଗଠିତ ହେବା ପରେ ଓଡ଼ିଶାରେ ପୂର୍ବତଟ ରେଳଜୋନ ପ୍ରତିଷ୍ଠା ହେଲା।

# ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା

॥ ଡାକ୍ତର ସମ୍ରାଟ କର ॥

“ ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ। ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି। ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ। ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ। ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି। ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ।

ଜଳବାୟୁ ପରିବର୍ତ୍ତନ ହେତୁ ପ୍ରବଳବର୍ଷା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, ମରୁଡ଼ି ଇତ୍ୟାଦି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖା ଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁଏଚ୍‌ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୁ ପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ ଆଦି ଯୋଗୁଁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ। ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମ ସାମ୍ନା କରିବେ।

ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁଁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ। ମୁଖ୍ୟତଃ ଏହାଦ୍ୱାରା ସଂକ୍ରାମକ ରୋଗ ବୃଦ୍ଧି ପାଉଛି। ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ ୧୦-୨୦ ବର୍ଷ ମଧ୍ୟରେ ଭୟଙ୍କର ବିନାଶ ମଧ ଘଟିପାରେ। ସେହିପରି ଶରୀରର ଟିସୁ ଭାବେ କାମ କରିବ ନାହିଁ। ମୁଖ୍ୟତଃ ଶୀତରେ ଅତ୍ୟଧିକ ଗରମ ହେଉଥିବାରୁ ମଶା ସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଡ଼ କଥା ହେଉଛି କ୍ୟାନସର ଆଶଙ୍କା ମଧ ବଢ଼ିବ। କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନର ମଧ ଅନ୍ୟତମ କାରଣ। ନାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏନଭରମେଣ୍ଟାଲ ହେଲଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ। ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହି କଣିକା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ କ୍ୟାନସରର ଅନ୍ୟତମ କାରଣ। ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ। ଫଳରେ ଅତିବାଇଗଣୀ ରଶ୍ମୀ ଚର୍ମକୁ କର୍କଟର କାରଣ ହୋଇଥାଏ। ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ। ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଲେ ବାୟୁ ପ୍ରଦୂଷଣ ବଢ଼ିବ। ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବ। ତା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ମଧ ଦେଖାଦେବ। କେବଳ ଏତିକି ନୁହେଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ବି ବୃଦ୍ଧି ପାଇବ। ଏଭଳି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼୍‌ଚିଡ଼ାପଣ ଆଦି ସମସ୍ୟା ଦେଖାଦେବ। ଅନ୍ୟପଟେ ତମାମ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶ ଉପରେ ପ୍ରଭାବ ପକାଇବ।

ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ। ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି। ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ। ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ। ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି। ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ। ଏହା ସହ ପିଲାମାନେ ମଧ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି। ମନୋବିଜ୍ଞାନୀଙ୍କ ଅନୁସାରେ, ଛୋଟ ପିଲାଙ୍କ ଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ପିଲାଙ୍କ ଠାରେ ଦେଖା ଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନଜାଇଟିଂ ବୋଲି କହିଥାନ୍ତି। ଏବେ ପୃଥିବୀ ବସବାସ କରିବା ଯୋଗୁଁ ନୁହେଁ ବୋଲି ସେମାନେ ଭାବୁଛନ୍ତି। ଆଉ ଏ କଥା ସେମାନଙ୍କ ମନରେ ବସା ବାନ୍ଧି ଗଲାଣି। ଯେତେବେଳେ ସେମାନେ ବଡ଼ ହେବେ, ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ଧ୍ୱଂସ ହୋଇଯିବ। ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ତେବେ ଦୁଃଖର ବିଷୟ ହେଉଛି କେବଳ ବଡ଼ ଲୋକ ନୁହଁନ୍ତି ବରଂ ଛୋଟ ଛୋଟ ପିଲାମାନେ ମଧ ମାନସିକ ରୋଗର ଶିକାର ହେଉଛନ୍ତି। ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ି ଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ସେମାନଙ୍କ ଠାରେ ଦେଖାଦେଉଛି। ଯାହାକି ମାନସିକ ରୋଗକୁ ହିଁ ଇଙ୍ଗିତ କରୁଛି। ପୁଣି ପ୍ରଦୂଷିତ ସହରରେ ପିଲାଙ୍କ ଠାରେ ଅବସାଦ ଓ ମାନସିକ ରୋଗ ବୃଦ୍ଧି ପାଉଛି।

ଏଣିକି ଲୋକେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରୀଡ଼ିତ ହେବେ। ଅର୍ଥାତ୍ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପ୍ରକୃତି ଉପରେ ନୁହେଁ ବରଂ ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ ପଡୁଛି। ସମ୍ପ୍ରତି ଏହା ଏକ ନୂଆ ରୋଗ ଭାବେ ଉଭା ହୋଇଛି। ଏପରିକି ପାଖାପାଖି ଏହାଦ୍ୱାରା ସବୁ ଦେଶ ମଧ ପ୍ରଭାବିତ ହେଲେଣି। ଏହି କ୍ରମରେ ନିକଟରେ କାନାଡ଼ାରେଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି। ତା ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଥମ ମାମଲା। କାନାଡାର ବ୍ରିଟିଶ କଲମ୍ବିଆର ଜଣେ ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ। ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ। ସମ୍ପୃକ୍ତ ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ କାନାଡ଼ାର କୁଟନି ଲେକ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ। କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିବା କହିଥିଲେ। ସାଧାରଣତଃ କାନାଡାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ। ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ ଡିଗ୍ରୀକୁ ଚାଲିଯାଏ। ମାତ୍ର ଏଥର ଜୁନ-ଜୁଲାଇରେ ଦେଖା ଦେଇଥିବା ହିଟ୍ ୱେଭ ଯୋଗୁଁ କାନାଡା ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ହିଟ୍ ୱେଭ ଯୋଗୁଁ କାନାଡାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲସିୟସ। ଯାହାକି କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା। ହିଟୱେଭ ଯୋଗୁଁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁଁ ପବନର ଗୁଣବତ୍ତା ମଧ ଖରାପ ହେଲା। ଯେଉଁଥି ପାଇଁ ମହିଳାଙ୍କ ଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ସେ ଏବେ ସୁଦ୍ଧା ଏଥିରୁ କାନାଡାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି। ଯଦିଓ ମହିଳା ଜଣକ ହାଇଡ୍ରେଟ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ’ ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି। ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ ତାହା ମଧ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି। ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ ହେବେ। ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁଁ ନିଜ ଭିଟାମାଟି ଛାଡ଼ିବେ।

ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ସତ୍ୟାନୁସରଣରେ ଜୀବନ

॥ ଉମେଶ ଚନ୍ଦ୍ର ପାତ୍ର ॥

ପରମପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟଜୀବନ କେବଳ ରକ୍ତମାଂସ ଗଠିତ ଶରୀର ଭିତରେ ସୀମିତ ନୁହେଁ । ଯାହାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ମୁକ୍ତି ଅନ୍ୱେଷୀମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ଦିବ୍ୟ ଜୀବନ ଅଧିକାରୀ ହେବା ପାଇଁ ପ୍ରେରଣା ଯୋଗାଇ ଅନୁପ୍ରାଣିତ କରୁଛି । ଯେପରି ସୀମାହୀନ ମହାସିନ୍ଧୁର ନୀଳ ଜଳରାଶି, ଫେନିଳ ତରଙ୍ଗାଳୀ ଅବଲୋକନ କରି ଭାବବିହ୍ୱଳ ହେବା ଛଡ଼ା କାହାର ସାଧ ନାହିଁ ଜଳରାଶିର ଗଭୀରତା ଓ ବିସ୍ତୀର୍ଣ୍ଣତାର ପରିସୀମାକୁ ମାପିବାକୁ । କେବଳ ମାତ୍ର ଭାବନାହୀନ ତନ୍ମୟତାରେ ସାଗରର କୂଳ ଦେଶର ମୃତ ବାଲୁକା ଶଯ୍ୟାରେ ପଦାଚାରଣା କରିବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ପୂର୍ଣ୍ଣବ୍ରହ୍ମ ଶ୍ରୀ ଶ୍ରୀ ପୁରୁଷୋତ୍ତମଙ୍କ ଦିବ୍ୟଲୀଳା ମାଧୁରୀକୁ ଅବତରଣ କରି ଏହା କୁହାଯାଇପାରେ ସାଗରର ମଧ ଶେଷ ଅଛି ସୀମା ମଧ ଅଛି । ତେଣୁ ସାଗର ଅନନ୍ତ ନୁହେଁ କି ଅସୀମ ନୁହେଁ । ଜଣେ ହିଁ ଅନନ୍ତ ଓ ଅସୀମ, ସେ ହେଉଛନ୍ତି ପୁରୁଷୋତ୍ତମ । ଆଶ୍ରିତଜନଙ୍କୁ କୃପା କରି ସସୀମ ରୂପରେ ଲୀଳା ପ୍ରକଟ କରିଛନ୍ତି । ଅବିଭକ୍ତ ବଂଗଭୂମିର ପାବନା ଜିଲ୍ଲାର ଗୋୟାଁଖାନା ନିବାସୀ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନମୋହିନୀଙ୍କର କୋଳମଣ୍ଡନ କରିଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର । ସେ ମାହେନ୍ଦ୍ର ମୁହୂର୍ତ୍ତ ଥିଲା ୧୨୯୫ ବଙ୍ଗଳା ସାଲର ଭାଦ୍ରବ ମାସର ୩୦ ଦିନ ଶୁକ୍ଳପକ୍ଷ, ଇଂରାଜୀ ବର୍ଷ ଅନୁଯାୟୀ ୧୮୮୮ ମସିହା। ଜନ୍ମ ହେବାର ନବମ ମାସରେ ଅନ୍ନପ୍ରାଶନ୍ନ ଉତ୍ସବରେ ମାତା ମନମୋହିନୀ ଦେବୀ କବିତାଟିଏ ଲେଖିଥିଲେ ଯାହାର ପ୍ରଥମ ଅକ୍ଷରଗୁଡ଼ିକ ସମ୍ମିଳନରେ ଥିଲା ‘ଅନୁକୂଳ’

ସତ୍ୟାନୁସରଣର ରଚୟିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଜୀବନବାଦର ପୁରୋଧା ଥିଲେ । ମଣିଷର ଜୀବନ ତାଙ୍କ ପାଖରେ ସର୍ବୋପରି ମୂଲ୍ୟବାନ ବସ୍ତୁ ହିସାବରେ ପରିଗଣିତ ହୋଇଆସୁଥିଲା । ସତ୍ୟାନୁସରଣ ହେଉଛି ଜୀବନର ଆସ୍ଥା । ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଜୀବନ ଅତ୍ୟନ୍ତ ମୂଲ୍ୟବାନ । ଜୀବନର ସ୍ୱରୂପ, ଗଭୀରତା ଏବଂ ଜ୍ୟୋତିର ପ୍ରକାଶ ଏକପ୍ରକାର ବିସ୍ମୟକର ଅଭିବ୍ୟକ୍ତ । ପ୍ରତ୍ୟେକ ବ୍ୟକ୍ତି ବିଶେଷ ପାଇଁ ଜୀବନର ରୂପ ଓ ପ୍ରକାଶ ଭିନ୍ନ ପ୍ରକାର । ସେହି ଦୃଷ୍ଟିରୁ ବ୍ୟକ୍ତିର ବ୍ୟକ୍ତିଗତ ଅନୁଭୂତି ଏବଂ ନିଜସ୍ୱ ଦୃଷ୍ଟିଭଙ୍ଗିର ଏକ ଅନନ୍ୟ ମୂଲ୍ୟ ରହିଛି । ବ୍ୟକ୍ତି ଜୀବନର ଏହି ଘନୀଭୂତ ଓ କେନ୍ଦ୍ରାୟୀତ ପୃଷ୍ଠଭୂମିରେ ସତ୍ୟାନୁସରଣ ହେଉଛି ଏକ ଅଭ୍ରାନ୍ତ ମାର୍ଗଦର୍ଶକ ଏବଂ ନିୟାମକ । ସତ୍ୟାନୁସରଣ ଭିତରେ ଜୀବନର ଦର୍ଶନ ଓ ଆଧ୍ୟାତ୍ମବିଦ୍ୟା ନିଶ୍ଚୟ ରହିଛି । କିନ୍ତୁ ସତ୍ୟାନୁସରଣର ମହତ୍ୱ ହେଉଛି ଜୀବନ ଦର୍ଶନକୁ ସୂତ୍ରାକାରରେ ପାଳନ କରିବାର ଏକ ପନ୍ଥା । ମଣିଷ କିଭଳି ନିଜର ଦୈନନ୍ଦିନ ଜୀବନରେ କର୍ମ ସମ୍ପାଦନା କରିବା ସହିତ ସାର୍ଥକତାର ପଥ ଅବଲମ୍ବନ କରିପାରିବ; ସତ୍ୟାନୁସରଣ ହେଉଛି ସେଥିପାଇଁ ଏକ ନିତି ନୀୟମ ସମ୍ବଳିତ ଏକ ନିର୍ଦ୍ଦେଶନାମା । ଧର୍ମର ସଂଜ୍ଞା ବର୍ଣ୍ଣନା କରି ଶ୍ରୀ ଶ୍ରୀ ଠାକୁର କହିଥିଲେ - ‘ଯେନାତ୍ମନଂ ତଥାନ୍ୟେଷାଂ ଜୀବନବର୍ଦ୍ଧନାଞ୍ଚପି ଧ୍ରିୟତେ ସ ଧର୍ମଃ’ ଅର୍ଥାତ୍ ଯାହାଦ୍ୱାରା ନିଜର ଓ ଅନ୍ୟର ଜୀବନ ଓ ବୃଦ୍ଧି ବିକଶିତ ହୁଏ, ତାକୁ ହିଁ ଧର୍ମ କୁହାଯାଏ । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏକ ପରିମାର୍ଜିତ ରୂପରେ ମୁଗ୍ଧ ହୋଇ ମନୁଷ୍ୟର ଚରିତ୍ରବତ୍ତା, ଈଶ୍ୱରାଭିମୁଖୀ ଚେତନା, ପିତୃମାତୃ କେନ୍ଦ୍ରିକତା, ଅନୁଚିନ୍ତନର ପ୍ରୟାସରେ ଆରମ୍ଭ କରିଥିଲେ ‘ସତ୍‌ସଙ୍ଗ ତପୋବନ ବିଦ୍ୟାଳୟ’ । ‘ସତ୍‌ସଙ୍ଗ’ ପ୍ରତିଷ୍ଠାନର ଆଭିମୁଖ୍ୟ ଓ କାର୍ଯ୍ୟ ପରିସର ବ୍ୟାପକ ହେବା ପରେ ଶ୍ରୀ ଶ୍ରୀ ଠାକୁର ତାଙ୍କର ଆଶ୍ରିତ ଓ ସେବକମାନଙ୍କୁ ଯାଜକ, ଅଧ୍ୱର୍ଯ୍ୟ, ସହପ୍ରତିରତ୍ୱିକ ନାମରେ ନାମିତ କରି ଦୀକ୍ଷାଦାନ ପାଇଁ ପ୍ରେରିତ କରିଥିଲେ ।

ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିଭଙ୍ଗିରେ ଜୀବନର ଦୁଇଟି ଅପରିହାର୍ଯ୍ୟ ଦିଗ ରହିଛି । ପ୍ରଥମ ହେଉଛି - ବଞ୍ଚିବା ଓ ଦ୍ୱିତୀୟ ହେଉଛି ବୃଦ୍ଧି, ଆନନ୍ଦ କିମ୍ବା ବିସ୍ତାରିତ ଅନୁଭୂତି । ଏହି ଦୁଇଟି ଦିଗକୁ ପରିପୂରଣ କରିବାର ଉପାୟ ସତ୍ୟାନୁସରଣର ପ୍ରତ୍ୟେକ ପରିଚ୍ଛଦରେ ଦିଆଯାଇଛି । ଉଦାହରଣ ସ୍ୱରୂପ - ‘ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ । ସାବଧାନ ହୁଅ - ଠକିଯିବ, ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ’ । ମନୁଷ୍ୟ ଭିତରେ ଦେବତ୍ୱକୁ ଜାଗ୍ରତ କରିବା, ଆତ୍ମା ସହିତ ପରମାତ୍ମାର ମିଳନ କରାଇବା, ମନୁଷ୍ୟକୁ ତା’ର ଲକ୍ଷ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ଏହି ବାଣୀ ଏକ ଅମୋଘ ଅସ୍ତ୍ର । ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଭଗବାନ କୃଷ୍ଣ ଅର୍ଜୁନଙ୍କୁ ଆହ୍ୱାନ ଦେଲାଭଳି ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣ ପ୍ରଥମ ପରିଚ୍ଛଦରେ କହିଛନ୍ତି ‘ସର୍ବ ପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ଼, ଯେତେ ଶୀଘ୍ର ପାର, ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଠବଙ୍କକ୍ତସକ୍ବରକୁ । ସ୍ମରଣ କର ତୁମେ ସାହସୀ, ସ୍ମରଣକର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାର ସନ୍ତାନ । ଆଗେ ସାହସୀ ହୁଅ, ଅକପଟ ହୁଅ, ତେବେ ଜଣାଯିବ, ତୁମର ଧର୍ମରାଜ୍ୟରେ ପଶିବାର ଅଧିକାର ଜନ୍ମିଛି । ଭାରତବାସୀଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କର ବୈପ୍ଳବିକ ଆହ୍ୱାନ ହେଉଛି - ‘ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇଉଠିଛନ୍ତି । ଋଷିଙ୍କୁ ବାଦ ଦେଇ ଋଷିବାଦର ଉପାସନା ଆରମ୍ଭ ହୋଇଛି । ଭାରତ, ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସଂପ୍ରଦାୟ ଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ, ଆଉ ତୁମର ମୂର୍ତ୍ତ ବା ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି, କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କ ଆବିର୍ଭାବ । ଅନ୍ୟତ୍ର ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁର କହିଲେ - ‘କର୍ମ କରିଯାଓ, ଅଦୃଷ୍ଟ ଭାବି ଭାଙ୍ଗି ପଡ଼ନାହିଁ, ଅଳସୁଆ ହୁଅନାହିଁ । ତୁମେ ଯେପରି କାର୍ଯ୍ୟ କରିବ, ତୁମର ଅଦୃଷ୍ଟ ସେହିପରି ହୋଇ ଦୃଷ୍ଟ ହେବ ।’ ଜୀବନର ଗତି ପଥରେ, ବିପଦ ଓ ବାଧା ଆସି ଛିଡ଼ା ହୁଏ । ଶ୍ରୀ ଶ୍ରୀ ଠାକୁର ଜୀବନରେ ବିଜୟ ଓ ସାଫଲ୍ୟର ଜୟ ଜୟକାର କରି ସତ୍ୟାନୁସରଣର ପୃଷ୍ଠାରେ କହିଲେ, ‘ବିପଦକୁ ଫାଙ୍କି ଦେଇ ଓ ପରାସ୍ତ କରି ସଫଳତା ଲକ୍ଷ୍ମୀ ଲାଭ କର; ବିପଦ ଯେପରି ତୁମକୁ ସଫଳତାରୁ ବଞ୍ଚିତ ନକରେ ।’ ସତ୍ୟାନୁସରଣ ଅଧ୍ୟୟନ କଲାବେଳେ ମଣିଷର ଅନ୍ତର୍ରାଜ୍ୟରେ ଏକପ୍ରକାର ଆଲୋଡ଼ନ ସୃଷ୍ଟି ହୁଏ । ସତ୍ୟାନୁସରଣର ପ୍ରତ୍ୟେକ ବାକ୍ୟ କିମ୍ବା ପରିଚ୍ଛେଦରେ ଏକ ଚିରନ୍ତନ ସତ୍ୟ ଏବଂ ଏକ ଜୀବନୀୟ ନିର୍ଦ୍ଦେଶ ପ୍ରସ୍ଫୁଟିତ ହୋଇଅଛି । ଅଧିକାଂଶ, ଅଧ୍ୟାୟରେ ମନସ୍ତାତ୍ତ୍ୱିକ, ଆତ୍ମିକ, ବ୍ୟବହାରିକ ଏବଂ ଦାର୍ଶନିକ ତତ୍ତ୍ୱର ବାସ୍ତବ ପ୍ରୟୋଗର କୌଶଳ ଓ ଉପାୟ ଦର୍ଶାଯାଇଛି । ପରିଶେଷରେ ଏକଥା କହିବାକୁ ପଡ଼େ, ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନ ଜାଗ୍ରତ ରହିଛି । ସତ୍ୟାନୁସରଣର ଭକ୍ତି ମାଧମରେ ସେ ଆମକୁ ନିରନ୍ତର ମାର୍ଗଦର୍ଶନ କରାଇଛନ୍ତି । ଜୀବନର ଜୟ ହେଉ - ଶ୍ରୀ ଶ୍ରୀ ଠାକୁରଙ୍କ ଜୟ ହେଉ -

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ‘ଇ-ଆବର୍ଜନାର ସଂକଟ’

॥ ବିପିନ ବିହାରୀ ରାଉତ ॥

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ । ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୧୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ବିଜ୍ଞାନର ଦ୍ରୁତ ବିକାଶ ଫଳରେ ମଣିଷ ହାତମୁଠାରେ ସବୁକିଛି ପାଇଯାଉଛି ଭାବନା ରଖି ଦିନକୁ ଦିନ ଜନସଂଖ୍ୟାର ବୃଦ୍ଧି, ଜଙ୍ଗଲ ସମ୍ପଦର କ୍ଷୟ, କୀଟନାଶକର ପ୍ରୟୋଗ ଓ ବ୍ୟାପକ ଯାନବାହାନ ଚଳାଚଳ ପାଇଁ ପରିବେଶକୁ ପ୍ରଦୂଷିତ କରିବା ସହ ଇ-ଆବର୍ଜନାର ସଙ୍କଟକୁ ବଢ଼ାଉଛି ମଧ୍ୟ ତେଣୁ ଆଜି ଏହି ଦିବସରେ ଆମେ ସମସ୍ତେ ସଚେତନ ହେବାପାଇଁ ନିଜ ଦାୟିତ୍ୱକୁ ନିର୍ବାହ ପାଇଁ ପ୍ରତିଜ୍ଞାବଦ୍ଧ ହେବା ଅତ୍ୟନ୍ତ ଜରୁରୀ।

ଦୂରଭାଷ : ୯୪୩୭୬୬୬୪୫୩

## ପାରାଦୀପ ସମୁଦ୍ରରୁ ମାଛଧରା ଡଙ୍ଗାରେ ୬୦ଟନ୍ କାଣ୍ଟ ମାଛ- ବିକ୍ରି ପାଇଁ ଗଲା ଦୀଘା



ପାରାଦୀପ, (ମହାଭାରତ) : ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରୁ ରବିବାର ଦିନ ସମୁଦ୍ରରେ ମାଛ ଧରିବାକୁ ଯାଇଥିବା ମାଛଧରା ଡଙ୍ଗାରେ ୨୪ଲକ୍ଷ ଟଙ୍କା ମୂଲ୍ୟର ମାଛ ଧରିଛନ୍ତି ସ୍ଥାନୀୟ ମତ୍ସ୍ୟଜୀବୀ । ଗଭିର ସମୁଦ୍ରରେ ମାଛଧରୁଥିବା ବେଳେ ଜାଲରେ ପଡିଥିଲେ କାଣ୍ଟ ମାଛ । ଏହି ମାଛର ଓଜନ ପ୍ରାୟ ୬୦ଟନ୍ ହେବ ବୋଲି ଜଣାପଡିଛି । ରବିବାର ଦିନ ପାରାଦୀପ ଉପକଣ୍ଠ ଷଣ୍ଢକୁଦ ବସ୍ତିର ସକା ଦରକେଣ୍ଡା ନିଜ ଯନ୍ତ୍ରଚାଳିତ ଡଙ୍ଗା ଯୋଗେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବେଳେ କାଣ୍ଟ ମାଛର ଏକ ଖେଦା ସମୁଦ୍ରରେ ଯାଉଥିବା ଦେଖିଥିଲେ । ତୁରନ୍ତ ସେ ଓ ତାଙ୍କର ସହଯୋଗୀ ଜାଲ ଘେରାଇ ଦେବା ସହିତ ମାଛ ଡଙ୍ଗାକୁ ଉଠେଇ ଆଣିଥିଲେ । ତାଙ୍କ ସାଙ୍ଗରେ ଥିବା ୧୦ଟି ମାଛଧରା ଡଙ୍ଗାରେ ଏହି ମାଛ ଭର୍ତି ହୋଇଯାଇଥିଲା । ସୋମବାର ଦିନ ଏହି ଡଙ୍ଗା ଗୁଡିକ ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରେ ପହଂଚିଥିଲେ । ପ୍ରତ୍ୟେକ ମାଛର ଓଜନ ପାଖାପାଖି ୫୦୦ରୁ ୬୦୦ ଗ୍ରାମ ହେବ । ବଜାରରେ ଏହି ମାଛର କିଲେ ପିଛା ଦର ୪୦ରୁ ୫୦ଟଙ୍କାରେ ବିକ୍ରି ହୋଇଥାଏ । ପାଖାପାଖି ଏହି ମାଛର ମୂଲ୍ୟ ୨୪ ଲକ୍ଷଟଙ୍କା ହେବ । ଏତେ ପରିମାଣର ମାଛ ଧରା ହେବାର ଖବର ପାଇ ବାହାର ବ୍ୟବସାୟୀମାନେ ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରେ ପହଂଚିଥିଲେ । ମାଛ ଡଙ୍ଗାରୁ ଖଲାସ ହେବା ପରେ ବରଫ ଦ୍ୱାରା ପ୍ୟାକିଙ୍ଗ କରାଯାଇ ପଶ୍ଚିମବଙ୍ଗର ଦୀଘା ପଠାଯାଇଛି । ସରକାରଙ୍କ ମାଛଧରା କଟକଣା, ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବର୍ଷରେ ମାତ୍ର ୩ମାସ ମାଛଧରା ସମ୍ଭବ ହୋଇଥାଏ । ମାତ୍ର ୩ ମାସର ରୋଜଗାରରେ ମତ୍ସ୍ୟଜୀବୀମାନେ ଯାହା ରୋଜଗାର କରନ୍ତି ବର୍ଷ ସାରା ସେଥିରେ ଚଳିଥାନ୍ତି ବୋଲି ଡଙ୍ଗା ମାଲିକ ସକା ଦରକୋଣ୍ଡା କହିଛନ୍ତି । ଏବେ ସମୁଦ୍ରରେ ଆଉ ଆଗ ଭଳି ମାଛ ହେଉ ନାହାନ୍ତି । ଯଦି ଅନ୍ୟ ମାଛ ପଡିଥାନ୍ତା ତେବେ ଭଲ ରୋଜଗାର ହୋଇଥାନ୍ତା ବୋଲି ମତ୍ସ୍ୟଜୀବୀ କହିଛନ୍ତି ।

## ଜିଲ୍ଲାପାଳଙ୍କ ଜନଶୁଣାଣି

କୃଷ୍ଣପ୍ରସାଦ, (ମହାଭାରତ): ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି




। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଏସପି ପ୍ରତୀକ ସିଂହ,ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡ଼ିଏସପି ସୁଶାନ୍ତ କୁମାର ସାହୁ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥୀ, ତହସିଲଦାର ବିକାଶ ସେଠୀ, ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନ, ବ୍ଲକ ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନବ କିଶୋର କର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ନମିତା ଚାନ୍ଦ ନାୟକ, ସିଡିପିଓ ମନୋରମା ମହାପାତ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ମନୋରଞ୍ଜନ ସାହୁ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ହିମାଂଶୁ ଶେଖର ମାନ୍ଧାତା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜ୍ୟୋତି ପ୍ରକାଶ ସାମଲ, ସହକାରୀ ନିର୍ବାହୀ ଯନ୍ତ୍ରୀସୁରେନ୍ଦ୍ର କୁମାର ଗୁମାନସିଂହ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବିଆରସିସି ସିଦ୍ଧେଶ୍ୱର କରଣ, ନୂଆପଡା ରେଞ୍ଜର ସୂର୍ଯ୍ୟକାନ୍ତ ମହାରଣା, ସାତପଡ଼ା ରେଞ୍ଜର ରଞ୍ଜନ କୁମାର ବେହେରା, ଅରଖକୁଦା ସାମୁଦ୍ରିକ ଥାନା ଅଧିକାରୀ ନିରଞ୍ଜନ ବେହେରା, କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ,ମାଲୁଦ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ନାହାକ, ପ୍ରଶାନ୍ତ କୁମାର ଦାସ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ଶିବିରରେ ଉପସ୍ଥିତ ଥିଲେ । ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଯୋଜନା, ଷ୍ଟ୍ରିଟ ଲାଇଟ, ରାସନ କାର୍ଡ,ବିଦ୍ୟୁତ,ଶିକ୍ଷା, ଭତ୍ତା ଆଦି ସର୍ବ ମୋଟ ୮୪ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୭ ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଜନ ଶୁଣାଣି ଶିବିରରେ ବ୍ଲକ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ମୁଖ୍ୟ କିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ବରିଷ୍ଠ ରାଜସ୍ୱ କିରାଣୀ ଜିତେନ୍ଦ୍ର ପାତ୍ର, ରାଜସ୍ୱ ସହାୟକ କାଶୀମ ମହମ୍ମଦ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମୀୟ କୁମାର ପଣ୍ଡା, ବେଗା ହାଁସଦା, ବିପ୍ଳବ କେଶରୀ ପ୍ରଧାନ, ବିପିନ ମଙ୍ଗରାଜ, ସିପି ପ୍ରଭାତ କୁମାର ଜେନା, ଏସିପି ସୌଭାଗ୍ୟ କୁମାର ବଲିୟାରସିଂହ, ଏପିଓ ଅଭିନ୍ନ କୁମାର ପଲାଇ,ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରିଣୀ ସାଧନା ସାହୁ, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ରାଜସ୍ୱ ସହାୟକ ତତ୍ତ୍ୱଦର୍ଶୀ ସେଠୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଶୁଣାଣି କରିବାରେ ଜିଲ୍ଲା ପ୍ରଶାସନଙ୍କୁ ସହଯୋଗ କରିଥିଲେ । କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଜନ ଶୁଣାଣି ଶିବିରରେ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣି ତାର ଉପଯୁକ୍ତ ବିଚାର କରିବା ସହ ତାର ତତ୍କାଳ ସମାଧାନ ଲାଗି ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ସୁକିନ୍ଦା ଶିଳ୍ପ ମହୋତ୍ସବ ଆରମ୍ଭ

ଦାନଗଦି, (ମହାଭାରତ) : ଯାଜପୁର ଜିଲ୍ଲାର କଳିଙ୍ଗନଗର ସୁକିନ୍ଦା ଶିଳ୍ପ ମହୋତ୍ସବ ଆରମ୍ଭ ହୋଇଯାଇଛି । ଚଳିତ ବର୍ଷ ଏହି ମହୋତ୍ସବ ୫ଦିନ ଧରି ଚାଲିରହିବ । ପ୍ରତିଦିନ ମହୋତ୍ସବର ସାଂସ୍କୃତିକ ପୋଗ୍ରାମର ସନ୍ଧ୍ୟାରେ ଓଲିଉଡ୍ ଓ ବଲିଉଡ୍ କଳାକାର ମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଏଥିନିମନ୍ତେ ଆଜି ତେଲିବାହାଲୀ ମହାପାଟ ପଡିଆ ଠାରେ ଶିଳ୍ପ ମହୋତ୍ସବ ଶୁଭ ଉଦ୍ଘାଟନ ହୋଇଯାଇଛି । ଦାନଗଦି ମିଲିଟାରୀଛକ ରୁ ଆରମ୍ଭକରି ଏକ ଗଣଦୋଉଡ଼ ପର୍ବରେ ସୁକିନ୍ଦା ସମସ୍ତ ଭାଇ ଭୋଉଣି ଠୁ ନେଇ ସମସ୍ତ ପଦପଦବୀ ର ଅଧିକାରି ଶିକ୍ଷାର୍ଥୀ ମଧ୍ୟ ସାମିଲ ହୋଇଥିଲେ ।ସାହିତ୍ୟ କଳା ସଂସ୍କୃତି କୁ ନେଇ ଭାଇଚାରା ର ଆଦର୍ଶ କୁ ବଜାଇ ସମସ୍ତେ ଦଳ ବର୍ଣ୍ଣ ନିର୍ବିଶେଷରେ ମହୋତ୍ସବ କୁ ଉତ୍ସାଇତ କରିବାପାଇଁ ସଭିଙ୍କୁ ପ୍ରେରଣା ଦେଇଥିଲେ ସୁକିନ୍ଦା ର ବିଧାୟକ ମନ୍ତ୍ରୀ ପ୍ରଦୀପବଳ ସାମନ୍ତ । କୋରେଇ ବିଧାୟକ ଆକାଶ ଦାସ ନାଏକ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବଡ଼ଚଣା ର ବିଧାୟକ ଅମର ନାଏକ ମହୋତ୍ସବ ରେ ସାମିଲ ହୋଇଥିଲେ । ଫେବ୍ରୁଆରି ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ଶିଳ୍ପ ମହୋତ୍ସବ ଚାଲିରହିବ । ଏହି ଅବସରରେ ଦାନଗଦି ମିଲ୍ଟାରି ଛକ ରୁ ଆରମ୍ଭହୋଇ ତେଲିବାହାଳି ମହପାଟ ପଡ଼ିଆରେ ଆୟୋଜନର ସମାରୋହରେ ମନ୍ତ୍ରୀ ପ୍ରଦିପବଳ ସାମନ୍ତ । ଓଡ଼ିଶାର ମନ୍ତ୍ରୀ ସୁକିନ୍ଦର ବିଧାୟକ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପୁଅ ସବ୍ୟସାଚୀ ବଳ ସାମନ୍ତ ଉପସ୍ଥିତି ଉପରେ ନଜର ରଖି ଶାନ୍ତି ଶୃଙ୍ଖଳା ରେ ଏହି ମହୋତ୍ସବ ପାଳନକରାଜିବାର ଦାଇତ୍ୱ ସମ୍ପାଦନ କରିଥିଲେ ।

# ପାଣିରେ ପଡ଼ିବ ୩ କୋଟିର ଆମିଷ ବଜାର: ଆମିଷ ବଜାର ଖାଲିଖାଲି, ପୁଣି ଗଳିକନ୍ଦି ସହ ସହର ଉପକଣ୍ଠରେ ବେପାରୀ

ନୟାଗଡ଼, (ମହାଭାରତ) : ନୟାଗଡ଼ ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ମାଛ ବଜାରକୁ ଚଳାଇବା ପାଇଁ ପୌର ପରିଷଦ ପକ୍ଷରୁ ବହୁ କସରତ କରିବାକୁ ପଡ଼ିଥିଲା । ବାରମ୍ବାର ଲଟେରି କରାଯିବା ସହ ଆମିଷ ବ୍ୟବସାୟୀ ମାନଙ୍କ ସମସ୍ତ ଦାବି ମୁତାବକ ନିର୍ମାଣ କାର୍ଯ୍ୟ କରାଯିବା ପରେ ଏହି ବଜାର ଖୋଲିଥିଲା । ମାତ୍ର ଏହି ବଜାରରୁ ଧୀରେ ଧୀରେ ବେପାରୀ ମାନେ ଦୂରେଇ ଯାଉଥିବା ଦେଖିବାକୁ ମିଳିଛି । ବ୍ୟବସାୟରେ ପ୍ରବଳ କ୍ଷତିର ସମ୍ମୁଖୀନ ହେଉଥିବାରୁ ବେପାରୀ ମାନେ ଏମିତି ପଦକ୍ଷେପ ନେଉଥିବା ଅଭିଯୋଗ ହୋଇଛି । ଯେହେତୁ ସହର ଉପକଣ୍ଠର ଯେଉଁ ଅଞ୍ଚଳ ଗୁଡ଼ିକ ପଞ୍ଚାୟତ ଅଧୀନରେ ଆସୁଛି ସେଠାରେ ଏବେ ରାସ୍ତାପାର୍ଶ୍ୱରେ



ଉଭୟ ମାଛ ଓ ମାଂସ ବିକ୍ରି ହେଉଛି । ଏଣୁ ଗ୍ରାହକ ମାନେ ସେଠାରୁ କିଣି ନେଉଥିବା ବେଳେ ସହର ଠାରୁ ଟିକେ ଦୂରକୁ ଯିବାକୁ ପସନ୍ଦ କରୁ ନଥିବା ଜଣାପଡ଼ିଛି । ସାଧାରଣତଃ ବୁଧବାର, ଶୁକ୍ରବାର ଓ ରବିବାରରେ ଆମିଷ ବଜାରରେ ବେଶ୍ ଗହଳ ଚହଳ ଲାଗି ରହୁଥିବା ଦେଖିବାକୁ ମିଳିଛି । ମାତ୍ର ଏଥର ରବିବାର ରେ ମାଛ ବଜାରରେ ପରିସ୍ଥିତି ବେଶ୍ ଭିନ୍ନ ରହୁଛି । ମାଛ ବଜାରରେ ହାତ ଗଣତି କେତେ ଜଣ ମାଛ ବିକ୍ରି କରୁଥିବା ବେଳେ ଦୁଇ ଜଣ କୁକୁଡ଼ା ମାଂସ ଓ ଜଣେ ଛେଳି ମାଂସ ଧରି କାଉଣ୍ଟରରେ ବସିଥିବା ଦେଖିବାକୁ ମିଳିଛି । ପଚାରିବାରୁ ମାଛ ବିକ୍ରି କରୁଥିବା ଜଣେ ମହିଳା କହିଲେ ଯେ, ସମସ୍ତେ ପୌର ପରିଷଦ ଅଧୀନ ବିଭିନ୍ନ ଗଳି ଓ ରାସ୍ତା ଉପରେ ଖୋଲା ଖୋଲି ବସି ମାଛ ବିକ୍ରି କରୁଛନ୍ତି । ସେ ନିଜେ ତ୍ରିନାଥ ଛକରେ ମାଛ ବିକ୍ରି କରୁଥିବା ବେଳେ ପୌର ପରିଷଦ ତାଙ୍କର ଓଜନ ମାପ ଯନ୍ତ୍ର ଛଡ଼ାଇ ନେବା ସହ ତାଙ୍କୁ ନାଲି ଆଖି ଦେଖାଇଥିଲା । ମାତ୍ର ଆଜି ଯେତେବେଳେ ଅଧିକାଂଶ ମାଛ ବେପାରି ଖୋଲା ଖୋଲି ବେପାର କରୁଛନ୍ତି, ପୌର ପରିଷଦ କାହିଁକି ଚୁପ୍ ରହୁଛି ବୋଲି ଉକ୍ତ ମହିଳା ଜଣକ ଓଲଟା ପ୍ରଶ୍ନ କରିଛନ୍ତି । ଆମିଷ ବଜାରରୁ ବାହାରି କିଛି ମହିଳା ରାସ୍ତା ଉପରେ ବସି ମାଛ ବିକ୍ରି କରୁଥିବା ବେଳେ ପିଡବ୍ଲ୍ୟୁଡି ଲେନ୍, ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ଓ କଲେଜ ଲାଇନ୍ ଛକ ନିକଟରେ ଆଉ କିଛି ବସିଥିବା ଦେଖିବାକୁ ମିଳିଥିଲା । ସହର ଉପକଣ୍ଠକୁ ଲାଗି ସିନ୍ଦୁରିଆ, ଲେଙ୍କୁଡ଼ିପଡ଼ା, ବଲାଙ୍ଗୀ ପାର୍କ ନିକଟରେ ଏବେ ବି ରାସ୍ତା ପାର୍ଶ୍ୱରେ ମାଂସ କଟା ହୋଇ ବିକ୍ରି କରାଯାଉଛି ରାସ୍ତା ପାର୍ଶ୍ୱରେ ଖୋଲା ଖୋଲି ଭାବେ ମାଛ ଓ ମାଂସ କାଟିବା ଉପରେ ସୁପ୍ରିମକୋର୍ଟ କଟକଣା ଜାରି କରିଥିଲେ ମଧ ଜିଲ୍ଲା ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରୁ ନାହିଁ । ପୌର ପରିଷଦ ଯଦି ସହରର ରାସ୍ତା ପାର୍ଶ୍ୱରେ ବସୁଥିବା ସମସ୍ତ ଆମିଷ ବେପାରୀଙ୍କୁ ଉଠାଇବାକୁ ସମର୍ଥ ହେଲା, ତେବେ ପଞ୍ଚାୟତ ସ୍ତରରେ ଏହାକୁ ତହସିଲଦାର କାହିଁକି କାର୍ଯ୍ୟକାରୀ କରାଉ ନାହାନ୍ତି, ଏ ଦିଗରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୩ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ଆମିଷ ବଜାରରେ ୬୦ ଜଣ ବେପାରୀ ବସିବା ପାଇଁ ୬୦ଟି ପିଣ୍ଡି ନିର୍ମାଣ କରାଯାଇଛି । ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦିଏ, ତେବେ ଆଦର୍ଶ ସ୍ୱଚ୍ଛ ମାଛ ବଜାର ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ରାଜ୍ୟ ସ୍ତରୀୟ ସାରଳା କ୍ରିକେଟ କପ୍ ଫାଇନାଲ: ଚାମ୍ପିୟାନ ଢେଙ୍କାନାଳ ସ୍ପୋର୍ଟିଂ

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ମା ଶାରଳା ସ୍ପୋର୍ଟିଂ କ୍ଲବ ପକ୍ଷରୁ ନରେନ୍ଦ୍ର ଷ୍ଟାଡିୟମରେ ସୋମବାର ଦିନ ଖେଳା ଯାଇଥିବା ମେଗା ଫାଇନାଲ କ୍ରିକେଟ ମ୍ୟାଚ ଢେଙ୍କାନାଳ କ୍ରିକେଟ କ୍ଲବ ଏବଂ ଆଦିତ୍ୟ ୧୧ଭୁବନେଶ୍ୱର ମଧ୍ୟରେ ଖେଳା ଯାଇଥିଲା । ଏହି ମ୍ୟାଚ ରେ ପ୍ରଥମେ ଟସ ଜିତି ଢେଙ୍କାନାଳ ଟିମ ବ୍ୟାଟିଙ୍ଗ କରିବ ନିର୍ଦ୍ଧାରିତ ୨୦ ଓଭରରେ ୯ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା ଦଳ ପକ୍ଷରୁ କାହ୍ନା ରୁଟିଆ ୩୭ବଲ ରେ ୩୨ରନ କରିଥିଲେ ।ଏହାର ଜବାବରେ ଦ୍ୱିତୀୟ ରେ ବ୍ୟାଟିଂ କରି ଆଦିତ୍ୟ ୧୧ସୌମ୍ୟ ବିଶ୍ୱାଳ ଙ୍କ ୭୦ରନ ବଲରେ ୧୩୬ କରି ୯ରନ ରେ ପରାଜୟ ବରଣ କରିଥିଲା । ବିଜୟୀ ଦଳ ପକ୍ଷରୁ ଦିପକ ବେହେରା ୧୨ବଲରେ ୨୦ ରନ ଏବଂ ୪ଓଭର ରେ ୧୮ରନ ବିନିମୟରେ ୪ଟି ଉଇକେଟ ହାସଲ କରି ମ୍ୟାନଅଫଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ ଏବଂ ଟୁନାମେଣ୍ଟ




ର ଶ୍ରେଷ୍ଠ ଖେଳାଳି ଭାବରେ ଆଦିତ୍ୟ ୧୧ର ମନୋଜ ବେହେରା ମନୋନୀତ ହୋଇଥିଲେ । ଆଜିର ମୁଖ୍ୟ ଅତିଥି ଭାବରେ ଖାଦ୍ୟ ଯୋଗାଣ ମନ୍ତ୍ରୀକୃଷ୍ଣ ଚନ୍ଦ୍ର ପାତ୍ର, ଅନ୍ୟ ଅତିଥି ଭାବରେ ବାଇଧର ମଲ୍ଲିକ,, ବ୍ଲକ ଅଧକ୍ଷା ଅରାତି ନାୟକ,ସାଂସଦ ଙ୍କ ପ୍ରତିନିଧି ଦିବାକର ଛାଟୋଇ, ଉପାଧକ୍ଷ ଦୁଃର୍ଜୟ ମିଶ୍ର,ବିଡ଼ିଓ ସସ୍ମିତା ବେହେରା, ଦୁଇ ସିନେ ଅଭିନେତ୍ରୀ ଭୂମିକା ଦାଶ ପୂର୍ଣ୍ଣମା ମିଶ୍ର , ସଭାପତି ଯୁଗଳ କିଶ୍ୱର ମହାନ୍ତି ଉଦଯାପନୀ ଉତ୍ସବ ରେ ଯୋଗ ଦେଇଥିବା ବେଳେ ଡ୍ୟାନସିଂ ଅମ୍ପେୟାର ଦିବ୍ୟଦର୍ଶୀ ଛାଟୋଇ, ଅୟସ କାନ୍ତ ମହାପାତ୍ର ଖେଳ ପରିଚାଳନା କରିଥିଲେ । ପ୍ରକାଶ ଚନ୍ଦ୍ର ବେହେରା, ରାକେଶ ମହାନ୍ତି, ଦ୍ରୁପଦ ଭୋଳ ଭାଷ୍ୟକାର କାର୍ଯ୍ୟ ତୁଲାଇଥିବା ବେଳେ ମିଥୁନ ବେହେରା, ଶୁଭମ ସ୍କୋରର ଦାୟିତ୍ୱ ତୁଲାଇଥିଲେ, ସଭାପତିତ୍ୱ କରିଥିଲେ ଯୁଗଳ କିଶୋର ମହାନ୍ତି, ଏ ନେଇ ମିଡ଼ିଆ ସେଲ ସମ୍ପାଦକ ପ୍ରକାଶ କୁମାର ନାୟକ ସୂଚନା ଦେଇଥିଲେ । ମ୍ୟାଚ ଶେଷରେ ବିଜୟୀ ଟିମ କୁ ଟ୍ରଫି ଶହ ୩୫୧୧୧ଟଙ୍କା ଏବଂ ରନର୍ସ ଅଫ ଟିମ କୁ ୨୫୧୧୧ଟଙ୍କା ପ୍ରଦାନ କରାଯାଇଥିଲା ।

## ଦୀର୍ଘ ଦିନ ହେଲା ପୂରଣ ହେଉନି କୃଷି ବିଭାଗ ସହକାରି ନିର୍ବାହୀ ଯନ୍ତ୍ରୀଙ୍କ ପଦବୀ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଥିବା କୃଷି ବିଭାଗ ର ସହ କରି ନିର୍ବାହୀ ଯନ୍ତ୍ରୀଙ୍କ ପଦବୀ ପୂରଣ ହଉ ନାହିଁ । ସହକାରୀ ଯନ୍ତ୍ରୀ ଏହି ଦୟତ୍ୟ ତୁଲାଉ ଛନ୍ତି । ଜଣେ ଅଧିକାରୀ ଙ୍କୁ ତୋ ତ ଦ୍ଧିକ୍ ଦାୟିତ୍ୱ ଦିଆଯାଉଛି । ଜିଲ୍ଲାରେ ବିକାଶ ହେବ କିପରି ।ନୂତନ ସରକାର ଏଥି ପ୍ରତି ଧ୍ୟାନ ଦେଲେ ଜିଲ୍ଲାର ବିକାଶ ହୋଇ ପାରିବ । ବୋଲି ଚାଷୀ ମହଲରେ ମତ ପ୍ରକାଶ ପାଉଛି ।

## ଜିଲ୍ଲା ପୁଲିସର ଚଢ଼ଉ, ଜଙ୍ଗଲରୁ ୧୨୫୦ କେଜି ଗଞ୍ଜେଇ ଜବତ

ମାଲକାନଗିରି, (ମହାଭାରତ): ମାଲକାନଗିରି ଜିଲ୍ଲା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବେଜାଙ୍ଗୱାଡା ଜଙ୍ଗଲରୁ ୧୨୫୦ କେଜି ଗଞ୍ଜେଇ ଜବତ ହୋଇଛି । ମାଲକାନଗିରି ପୋଲିସ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଅଭିଯାନ ସମୟରେ କାଲିମେଲା ବ୍ଲକ ଅନ୍ତର୍ଗତ ବେଜଙ୍ଗୱାଡା ଅଞ୍ଚଳରୁ ୧୨୫୦ କିଲୋଗ୍ରାମ, ଗଞ୍ଜେଇ ଜବତ କରିଛି । କାଲିମେଲା ଥାନାରେ ଏକ ମାମଲା ରୁଜୁ କରାଯାଇଛି । ଏଥିରେ ସମ୍ପୃକ୍ତ ଲୋକଙ୍କୁ ଖୋଜାଚାଲିଛି । ଜିଲ୍ଲାରେ ନିଶା ନିବାରଣ ଅଭିଯାନକୁ ଯଥେଷ୍ଟ ସୁଦୃଢ଼ କରାଯାଇଛି । ୨୦୨୫ ମର୍ସିହାରେ ମାଲକାନଗିରି ପୋଲିସ ପ୍ରାୟ ୩୧,୦୦୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା, ଯାହା ୨୦୨୪ ମର୍ସିହାରେ



୨୩,୦୦୦ କିଲୋଗ୍ରାମ ଥିଲା । ଏହି ତୀବ୍ର ଅଭିଯାନର ଅଂଶ ସ୍ୱରୂପ ଅନେକ ଆନ୍ତଃରାଜ୍ୟ ନିଶା ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ଯାହା ସଂଗଠିତ ଏବଂ ସୀମାପାର ଚାଲାଣ ନେଟୱାର୍କ ବିରୁଦ୍ଧରେ କେନ୍ଦ୍ରିତ କାର୍ଯ୍ୟାନୁଷ୍ଠାନକୁ ସୂଚିତ କରୁଛି । ଆଗାମୀ ମାସରେ, ମାଲକାନଗିରି ପୋଲିସ ଗଞ୍ଜେଇ ଚାଷ, କାଟିବା ଏବଂ ଚାଲାଣ ସହିତ ଗଞ୍ଜେଇ ଉତ୍ପାଦନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ।ଉଲ୍ଲେଖଯୋଗ୍ୟ, ନଭେମ୍ବର ୨୦୨୫ରେ, ଚିତ୍ରକୋଣ୍ଡା ପୁଲିସ ଷ୍ଟେସନ ସୀମା ମଧ୍ୟରେ ୬୦ କିଲୋଗ୍ରାମ ମୂଲ୍ୟବାନ ଗଞ୍ଜେଇ ତେଲ ଜବତ କରାଯାଇଥିଲା । ଯାହା ଭାରତରେ ସର୍ବାଧ ?କ ଜବତ ଏବଂ ଓଡ଼ିଶାରେ ପଞ୍ଜିକୃତ ପ୍ରଥମ ମାମଲା ଥିଲା । ମାଲକାନଗିରି ପୁଲିସ ସଂଗଠିତ ନିଶା ନେଟୱାର୍କକୁ ଭାଙ୍ଗିବା ଏବଂ ସମସ୍ତ ଅପରାଧୀଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମାଲକାନଗିରି ଏସ୍ ?ପି ବିନୋଦ ପାଟିଲ ଏଚ୍ ପ୍ରେସ ନୋଟ ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଆସିକା ପୁରୁଣା ବସଷ୍ଟାଣ୍ଡଛକ ଓ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ ଦାବୀ

ଆସିକା, (ମହାଭାରତ) : ଆସିକା ପୁରୁଣା ବସଷ୍ଟାଣ୍ଡଛକ ଓ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ ସକାଶେ ବହୁ ବର୍ଷ ହେଲା ଦାବୀ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ନିରବ । ଆସିକା ହେଉଛି ଗଞ୍ଜାମ ଜିଲ୍ଲାର ପ୍ରମୁଖ ବ୍ୟବସ୍ୟାୟିକ ପେଣ୍ଠ ସ୍ଥଳୀ ଏହି ବହୁ ପୁରାତନ ସହର ଏହି ସହର ଉପରେ ଆଖ ପାଖ ପ୍ରାୟ ୩୦ କିଲୋମିଟର ରୁ ଉର୍ଦ୍ଧ ଅଞ୍ଚଳବାସୀ ନିର୍ଭର କରିଥାନ୍ତି । କିନ୍ତୁ ଦୁଃଖର୍ ବିଷୟ ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ବି ଆସିକା ଦେଇ ଯାଇଥିବା ୧୫୭ ନମ୍ବର ଜାତୀୟ ରାଜପଥର ଆସିକା କଳିଙ୍ଗ ରୋଡର ପୁରୁଣା ବସଷ୍ଟାଣ୍ଡ ଛକ ଓ ବିଜୁ ପଟ୍ଟନାୟକ ଛକରେ ଜନସାଧାରଣଙ୍କ ସୁବିଧା ଲାଗି ପ୍ରଶାସନ ପକ୍ଷରୁ ଟ୍ରାଫିକ ପୋଷ୍ଟ ନିର୍ମାଣ କରିବା ସମ୍ଭବପର ହୋଇନଥିବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସକାଳୁ ରାତ୍ର ପର୍ଯ୍ୟନ୍ତ ସଦାସର୍ବଦା ଜନଗହଳିପୂର୍ଣ୍ଣ ରହୁଥିବା ଆସିକା ବିଜୁ ପଟ୍ଟନାୟକ ଛକରୁ ଦୈନିକ ଶହ ଶହ ଯାନବାହାନ ଚଳ ପ୍ରଚଳ କରୁଥିବା ବେଳେ ଆସିକା କୁ ପ୍ରବେଶ ପାଇଁ ଉଦ୍ଦିଷ୍ଟ କଳିଙ୍ଗ ରୋଡର ପୁରୁଣା ବସଷ୍ଟାଣ୍ଡ ଛକରୁ ଦୈନିକ ଶହ ଶହ ଗାଡି ମଧ ବିଭିନ୍ନ ଦିଗକୁ ଚଳାଚଳ କରିଥାଏ । ସଦାସର୍ବଦା ବ୍ୟସ୍ତବହୁଳ ଓ ଜନ ଗହଳି ପୂର୍ଣ୍ଣ ରହୁଥିବା ଆସିକା ପୁରୁଣା ବସଷ୍ଟାଣ୍ଡ ଓ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ କରିବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ ଦାବୀ ହେଉଛି । ପ୍ରକାଶ ଥାଉକି ଆସିକା ପୁରୁଣା ବସଷ୍ଟାଣ୍ଡ ଛକ ଓ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ ହୋଇନଥିବା ଯୋଗୁଁ ବିଭିନ୍ନ ସମୟରେ ବହୁ ଅମାନିଆ ଗାଡି ଚାଳକ ଓ କେତେକ ଯୁବପିଢୀ ମନଇଛା ଗଳାବାଟ ଦେଇ ରାସ୍ତା ଅତିକ୍ରମ କରୁଥିବା ଦେଖିବାକୁ ମିଳୁଛି ।

# ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ

ଭବାନୀପାଟଣା, (ମହାଭାରତ) : ଗତ ଫେବୃଆରୀ ୬ ତାରିଖ ଦିନ ଗୋଲାମୁଣ୍ଡା ପଞ୍ଚାୟତ ସମିତି ବୈଠକରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଉପସ୍ଥିତିରେ ହୋଇଥିବା ବିଶୃଙ୍ଖଳା କୁ ନେଇ ଆଜି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନକୁ ଯୁବ ବିଜେଡି ସାକ୍ଷାତ କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବ୍ଲକ ସମୀକ୍ଷା ବୈଠକରେ ପ୍ରାୟୋଜିତ ଭାବେ ଅସାମାଜିକ ଲୋକଙ୍କ ଦ୍ୱାରା ବିଧାୟକଙ୍କୁ ଅସଦାଚରଣ ଉଦ୍ୟମ ଓ ବୈଠକକୁ ଭଣ୍ଡୁର କରିବା ପାଇଁ ପ୍ରୟାସ ଉଦ୍ୟମର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ରରେ ଯୁବ ବିଜେଡି ଦାବି କରିଛି । ସୂଚନାଯୋଗ୍ୟ ଯେ, ଗୋଲାମୁଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଚିଠି ଅନୁଯାୟୀ ୬ ଫେବୃଆରୀ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ସରକାରୀ ବିଭାଗ (ଲାଇନ୍ ଡିପାର୍ଟମେଣ୍ଟ) କୁ ନେଇ ଏକ ସମୀକ୍ଷା



ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅୟୋଜନ ହୋଇଥିଲା । ଏହି ବୈଠକରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ସମୀକ୍ଷା ପାଇଁ ଯୋଗଦେଇ ଥିଲେ । ହେଲେ ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ କିଛି ଅସାମାଜିକ ଯୁବକ ନିଶାଗ୍ରସ୍ତ ହୋଇ ସେଠାରେ ବେଆଇନ ଭାବରେ ରୁଣ୍ଡ ହୋଇ ହୋ-ହାଲ୍ଲା କରିବା ଦେଖିବାକୁ ମିଳିଥିଲା । ଏହା ସମ୍ପୂର୍ଣ୍ଣ ପ୍ରାୟୋଜିତ ଓ ସୁପରିକଳ୍ପିତ ଯୋଜନା ଥିଲା ବୋଲି ଯୁବ ବିଜେଡି ଅଭିଯୋଗ କରିଛି । ଜୁନାଗଡ଼ ବିଧାୟକଙ୍କ ଉପସ୍ଥିତ ହେବା କ୍ଷଣି ସମ୍ମିଳନୀ କକ୍ଷ ଆଡୁ ଶତାଧିକ ନିଶାଗ୍ରସ୍ତ ଯୁବକ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ତାଙ୍କ ଆଡ଼କୁ ମାଡ଼ିଆସିବା ଓ ଆୟୋଜକଙ୍କ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ ନକରିବା ଘଟଣାରେ ବିଡିଓ ମଧ୍ୟ ଉତ୍ତରଦାୟୀ ବୋଲି ଯୁବ ବିଜେଡି ଉଲ୍ଲେଖ କରିଛି । ଏଭଳି ପରିସ୍ଥିତିକୁ ଏଡାଇବା ପାଇଁ କାହିଁକି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ଥାନୀୟ ପୋଲିସଙ୍କୁ ସୂଚନା ଦେଲେ ନାହିଁ ବୋଲି ପ୍ରଶ୍ନ କରିଛନ୍ତି । ବିଧାୟକଙ୍କ ବାରମ୍ବାର ବ୍ଲକ ଗସ୍ତ ସମୟରେ ତାଙ୍କୁ ଜାଣିଶୁଣି ବିରୋଧ କରିବା, ସମୀକ୍ଷା ବୈଠକ କରାଇନଦେବା, ଲୋକ ଲଗାଇ ବିଧାୟକଙ୍କୁ ଅସଦାଚରଣ କରିବା ପାଇଁ ଚେଷ୍ଟା କରିବା ଆଦି ପଛରେ ନିଜେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସାମିଲ ଅଛନ୍ତି ବୋଲି ଯୁବ ବିଜେଡି ଅଭିଯୋଗ ଆଣିଛି । ଏହି ଘଟଣାରେ ଜିଲ୍ଲାପାଳ ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ବାହାର କରନ୍ତୁ ବୋଲି କୁହାଯାଇଛି । ଏପରିକି ସୋସିଆଲ ମିଡ଼ିଆରେ ଭାଇରାଲ୍ ତଥା ଉପଲବ୍ଧ ଭିଡ଼ିଓ କ୍ଲିପିଂମାନଙ୍କରୁ ସ୍ୱଷ୍ଟ ଜଣାପଡୁଛି ଯେ ସେମାନେ ଗୋଲାମୁଣ୍ଡ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସହଯୋଗୀ ହୋଇଥିବା ଅନେକ କାର୍ଯ୍ୟକ୍ରମରେ ଫଟୋ ଓ ଭିଡ଼ିଓ ପ୍ରମାଣିତ କରୁଅଛି । ଏଣୁ ଗୋଲାମୁଣ୍ଡା ବିଡ଼ିଓଙ୍କୁ ହାତବାରିସି କରି ପ୍ରାୟୋଜିତ ଅସାମାଜିକ ଯୁବକମାନଙ୍କୁ ମେଳିକରି ସରକାରୀ ସମୀକ୍ଷା ବୈଠକ ଭଣ୍ଡୁର କରିବା ସହ କର୍ତ୍ତବ୍ୟରତ ଜୁନାଗଡ଼ ବିଧାୟକଙ୍କ ଉପରେ ଆକ୍ରମଣ କରିବା ପାଇଁ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଷଡ଼ଯନ୍ତ୍ର କରିବା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ ବୋଲି ଯୁବ ବିଜେଡି ଅଭିଯୋଗ ଆଣିବାସହ ଦାବିପତ୍ରରେ ଉଲ୍ଲେଖ କରିଛି । ଜଣେ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ହୋଇଥିବା ଏହି ବିଶୃଙ୍ଖଳା ସମ୍ପର୍କରେ ଏପର୍ଯ୍ୟନ୍ତ ବିଡିଓଙ୍କ ତରଫରୁ କୌଣସି ଏତଲା ନଦେବା ଏହି ଘଟଣାରେ ତାଙ୍କ ସମ୍ପୃକ୍ତି ପ୍ରମାଣ କରୁଥିବା ନେଇ ଯୁବ ବିଜେଡି ନେତା ମାନେ ପ୍ରଶ୍ନ କରିଛନ୍ତି । ଏହି ଘଟଣାରେ ଯଦି କୌଣସି ତୁରନ୍ତ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ବିଜୁ ଯୁବ ଜନତା ଦଳ ରାଜରାସ୍ତାରେ ବିକ୍ଷୋଭ କରିବ ଓ ଜିଲ୍ଲା ପ୍ରଶାସନ ଏଥିପାଇଁ ସମ୍ପୂର୍ଣ୍ଣ ରୂପେ ଦାୟୀ ରହିବେ ବୋଲି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ନାଏକ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ଯୁବ ନେତା ଅବିନାଶ ଠାକୁର, କୃଷକ ନେତା ସାମନ୍ତ ଖମାରୀ, ସେନାପତି ନାଏକ, କାଉନସିଲର କ୍ଷିରସିନ୍ଧୁ ନାଏକ, ଶିବା ସାହୁ, ମହେନ୍ଦ୍ର ରାଉତ, ଯୁବ ନେତା ଦିନେଶ ବଗର୍ତ୍ତି, ଅମିତ ଯାଦବ, ଛାତ୍ର ନେତା ମାନସ ସିନ୍ଧୂର, ନିମସ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ସଂସଦ ଭବନ ସହିତ ୯ଟି ସ୍କୁଲକୁ ଉଡ଼ାଇବାକୁ ଆସିଛି ଇମେଲ୍

ନୂଆଦିଲ୍ଲୀ : ସଂସଦକୁ ଉଡ଼ାଇବାକୁ ବୋମା ଧମକ । ଏହାସହିତ ଦିଲ୍ଲୀର ପ୍ରମୁଖ ୯ଟି ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ବୋମା ଧମକ ମିଳିବା ପରେ ସଂସଦ ଏବଂ ସ୍କୁଲ ପରସରକୁ ଖାଲି କରାଯାଇଛି । ଦିଲ୍ଲୀ ପୋଲିସ ମୁତାବକ, ଏହାକୁ ନେଇ କଲ୍ ସକାଳ ୮.୩୦ ରୁ ୯.୦୦ ମଧ୍ୟରେ ଆସିଥିଲା । ଖବର ପାଇ ପୋଲିସ, ଅଗ୍ନିଶମ ଟିମ୍ ଏବଂ ବୋମା ନିଷ୍କ୍ରିୟକାରୀ ଟିମ୍ ତୁରନ୍ତ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ସଂସଦ ଆକ୍ରମଣ ପାଇଁ ମୃତ୍ୟୁ ଦଣ୍ଡ ପାଇଥିବା ଆତଙ୍କୀ ଅଫଜଲ ଗୁରୁ ନାମ ନେଇ ଧମକ ଦିଆଯାଇଛି । ଏହାଛଡା ଦିଲ୍ଲୀକୁ ଖଲିସ୍ତାନ କରିବାକୁ କୁହାଯାଇଛି । ସୂଚନା ମୁତାବକ, ରାଜଧାନୀ ଦିଲ୍ଲୀରେ ୯ଟି ସ୍କୁଲକୁ ବୋମା ଧମକ ମିଳିଛି । ଦିଲ୍ଲୀ ପୋଲିସ, ଅଗ୍ନିଶମ ଟିମ୍ ଏବଂ ବୋମା ନିଷ୍କ୍ରିୟକାରୀ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲା । ଖବର ଲେକା ହେବା ବେଳ ଯାଏଁ କିଛି ସନ୍ଦିଗ୍ଧ ଜିନିଷ ମିଳିନଥିଲା । ତେବେ ଗତ କିଛିଦିନ ହେଲାଣି ଦେଶର କେତେକ ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଥିଲା । ସ୍କୁଲକୁ ମିଳିଥିବା ଇମେଲରେ ଅନେକ ଉସୁକାଇବା ଏବଂ ଚିନ୍ତା କରିବା ଭଳି ଜିନିଷ ଲେଖାଯାଇଥିଲା । ଏଥିରେ ଲେଖାଯାଇଛି କି, ଦିଲ୍ଲୀ ହେବ ଖଲିସ୍ତାନ । ପଞ୍ଜାବ ଖଲିସ୍ତାନ ରହିଛି । ଅଫଜଲ ଗୁରୁଙ୍କ ସ୍ମରଣରେ । ଇମେଲରେ ଆଗାମୀ ତାରିଖ ଲେଖାଯାଇ ସଂସଦରେ ବିସ୍ଫୋରଣ କଥା କୁହାଯାଇଛି । ଫେବୃଆରୀ ୧୩ରେ ୧.୧୧ ମିନିଟରେ ବିସ୍ଫୋରଣ ହେବ ବୋଲି କୁହାଯାଇଛି । ୨୦୦୧ରେ ମଧ୍ୟ ସଂଦ ଉପରେ ଆକ୍ରମଣ ହୋଇଥିଲା, ଯାହା ୧୩ ତାରିଖରେ ହୋଇଥିଲା । ଏହାକୁ ନେଇ ୨୦୧୩, ୯ ଫେବୃଆରୀରେ ମୃତ୍ୟୁ ଦଣ୍ଡାଦେଶ ଶୁଣାଯାଇଥିଲା ।



## ଆଇନ କଲେଜରେ ଆଇନ ଛାତ୍ରୀଙ୍କୁ ଗୁଳିମାଡ଼, ଜଣେ ମୃତ

ପଞ୍ଜାବ : ଆଇନ କଲେଜରେ କ୍ରାଇମ । ପଞ୍ଜାବ ତରନତାରନ ଜିଲ୍ଲାର ଉସମା ଆଇନ କଲେଜରେ ଗୁଳିକାଣ୍ଡ । କ୍ଲାସରୁମ୍ ଭିତରେ ସହପାଠୀ ଛାତ୍ରୀଙ୍କୁ ଗୁଳିମାଡ଼ । ସହପାଠୀ ଛାତ୍ରର ଗୁଳିମାଡ଼ରେ ଜଣେ ଛାତ୍ରୀ ମୃତ । ଗୁଳିମାଡ଼ ପରେ ଅଭିଯୁକ୍ତ ନିଜକୁ ଗୁଳି କରି ଜୀବନ ଶେଷ କରିବାକୁ ଉଦ୍ୟମ କରିଥିଲେ । ଅଭିଯୁକ୍ତ ଛାତ୍ର ଗୁରୁତର ଅବସ୍ଥାରେ ମେଡିକାଲରେ ଚିକିତ୍ସିତ ହେଉଛି । ଗୁଳି କରିଥିବା ଛାତ୍ରର ନାଁ ପ୍ରିନ୍ସ ରାଜ । ମୃତ ଛାତ୍ରୀଙ୍କ ନାଁ ସଂଦୀପ କୌର । କ୍ଲାସରୁମ ଭିତରରେ ସିସିଟିଭି କ୍ୟାମେରାରେ କଏଦ ହୋଇଛି ଗୁଳିକାଣ୍ଡର ଦୃଶ୍ୟ । ଅଭିଯୁକ୍ତ ପ୍ରିନ୍ସ ରାଜ ସହପାଠିନୀ କୌର ଏବଂ ଅନ୍ୟ ଜଣେ ଛାତ୍ରୀଙ୍କ ସହ କଥାବାର୍ତ୍ତା ହୋଇ ଚାଲିଚାଲି ଆସିବା ପରେ କ୍ଲାସରୁମ ଭିତରେ ନିଜନିଜର ସିଟରେ ବସିଥିଲା । କିଛି ସମୟ ପରେ ହଠାତ ପ୍ରିନ୍ସ ନିଜ ସିଟ୍ ରୁ ସଂଦୀପ କୌରଙ୍କୁ ଗୁଳି କରିଥିଲା । ପଏଣ୍ଟ ବ୍ଲାଙ୍କରୁ ଗୁଳି କରିଥିଲା । ପରେ ନିଜେ ନିଜକୁ ଗୁଳି କରିଥିଲେ । ଘଟଣା ସ୍ଥଳରେ ଟଳି ପଡ଼ିଥିଲେ କୌର । ପ୍ରିନ୍ସକୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି । କ୍ଲାସ୍ ରୁମ ଭିତରେ ଏହି ଘଟଣା ପରେ ଅନ୍ୟ ଛାତ୍ରଛାତ୍ରୀମାନେ ଦୌଡ଼ି ପଳାଉଥିବାର ଦେଖିବାକୁ ମିଳିଥିଲା । ପ୍ରିନ୍ସ କାହିଁକି ଏଭଳି କାଣ୍ଡ କଲା ସେ ନେଇ ସ୍ପଷ୍ଟ ହୋଇନି । ତେବେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାଂଚ ଆରମ୍ଭ କରିଛି ।

## ହସପିଟାଲରେ ଭର୍ତ୍ତି ହେଲେ ଶରଦ ପାୱାର

ମୁମ୍ବାଇ : ବିଗିଡ଼ିଲା ଶରଦ ପାୱାରଙ୍କ ସ୍ୱାସ୍ଥ୍ୟାବସ୍ଥା । ପୁଣେର ଏକ ଘରୋଇ ହସପିଟାଲରେ ଶରଦ ପାୱାର ଭର୍ତ୍ତି ହୋଇଛନ୍ତି । ଅଜିତ ପାୱାରଙ୍କ ନିଧନ ପରେ ନିର୍ବାଚନ ପାଇଁ ଗତ କିଛିଦିନ ହେଲାଣି ଶରଦ ପାୱାର ମୁମ୍ବାଇ, ପୁଣେ ଏବଂ ବାରାମତି ଗସ୍ତ କରୁଥିଲେ । ପାର୍ଟିର କାର୍ଯ୍ୟକର୍ତ୍ତା ମଧ୍ୟ ଲଗାତାର ସେମାନଙ୍କ ସହିତ ସାକ୍ଷାତ କରୁଥିଲେ । ଏହାରି ଭିତରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଛି । ଜ୍ୱର ଏବଂ ଗଳାରେ ସଂକ୍ରମଣ ଯୋଗୁଁ ହସିଟାଲରେ ଆଡମିଟ୍ ହୋଇଥିବା ଜଣାପଡିଛି । ଖବର ମୁତାବକ, ଆଜି ସକାଳେ ଶରଦ ପାୱାରଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ପୁଣେର ଏକ ଘରୋଇ ହସପିଟାଲରେ ଡାକ୍ତର ଯାଞ୍ଚ ପରେ ସେ ହସପିଟାଲରେ ରହିବେ କି ବାସଭବନକୁ ଫେରିବେ ତାହା ଜଣାପଡିବ । ଶରଦ ପାୱାରଙ୍କୁ ୭୫ ବର୍ଷ ପୁରିଲାଣି । ଏତେ ବୟସରେ ମଧ୍ୟ ରାଜନୀତିରେ ବେଶ୍ ସକ୍ରିୟ ରହିଛନ୍ତି । ନିଜ ପାର୍ଟି ପାଇଁ ନିର୍ବାଚନ ପ୍ରଚାର ମଧ୍ୟକରୁଛନ୍ତି । ତାଙ୍କ ସୁସ୍ଥ କାମନା କରିଛନ୍ତି ଫ୍ୟାନ୍ସ ।

## ରାୟବରେଲିରେ ୮ ଯୁବତୀଙ୍କୁ ଧକ୍କା ଦେଲା କାର୍

ରାୟବରେଲି : ଉତ୍ତରପ୍ରଦେଶ ରାୟବରେଲିରେ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଗଙ୍ଗା ଏକ୍ସପ୍ରେସୱେରେ ଏକ ସ୍ପିଡ କାର୍ ୮ ଜଣଙ୍କୁ ଧକ୍କା ଦେଇଥିଲା । ଯେଉଁଥିରେ ଚାରି ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟମାନଙ୍କ ସ୍ଥିତି ଖରାପ ରହିଛି । ସେମାନଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ଏମାନେ ସମସ୍ତେ ପ୍ରସାଦ ନେଇ ଘରକୁ ଚାଲି ଚାଲି ଯାଉଥିବା ବେଳେ ଦୁର୍ଘଟଣା ହୋଇଥିଲା । ପୋଲିସ ଅନୁଯାୟୀ, ଲୋକମାନେ ଏକ୍ସପ୍ରେସୱେ ପାର ହେଉଥିବା ସମୟରେ ଏକ ଦ୍ରୁତଗାମୀ କାର ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା । ଦୁଇ ଝିଅଙ୍କର ଘଟଣାସ୍ଥଳେ ମୃତ୍ୟୁ ହୋଇଥିବା ବେଳେ ଆହତମାନଙ୍କୁ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା । ଯେଉଁଠାରେ ଅନ୍ୟ ଦୁଇ ଝିଅ ପରେ ମୃତ୍ୟୁବରଣ କରିଥିଲେ । ପୋଲିସ ଅନୁଯାୟୀ, ଦୁର୍ଘଟଣାରେ ୪ ଜଣ ଆହତ ହୋଇଥିଲେ ଏବଂ ସେମାନଙ୍କୁ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା । ଦୁର୍ଘଟଣା ପରେ ଡ୍ରାଇଭର କାର ଛାଡି ଘଟଣାସ୍ଥଳରୁ ପଳାଇଯାଇଛି । ତାଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଛି । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ପୋଲିସ ଅଧୀକ୍ଷକ ଜିଲ୍ଲା ହସ୍ପିଟାଲରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୋଲିସ ଅଧୀକ୍ଷକ କହିଛନ୍ତି ଯେ, ନିର୍ମାଣାଧୀନ ଗଙ୍ଗା ଏକ୍ସପ୍ରେସୱେରେ ଏକ ଦ୍ରୁତଗାମୀ କାର ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ଡ୍ରାଇଭରଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଚାଲିଛି ।

## ନାଇଜେରିଆରେ ବଡ଼ ସଡକ ଦୁର୍ଘଟଣା, ୩୦ ଜଣଙ୍କ ମୃତ୍ୟୁ



ନାଇଜେରିଆ: ନାଇଜେରିଆରେ ଘଟିଛି ବଡ଼ ସଡକ ଦୁର୍ଘଟଣା । ଏହି ସଡକ ଦୁର୍ଘଟଣାରେ ଅତି କମରେ ୩୦ ଜଣଙ୍କର ମୃତ୍ୟୁ ହୋଇଛି । ଅଧିକାରୀମାନେ କହିଛନ୍ତି ଯେ ଅସାବଧାନତା ଗାଡି ଚାଳନା ଯୋଗୁଁ ଯାତ୍ରୀ ଭର୍ତ୍ତି ଏକ ଟ୍ରକ ନିୟନ୍ତ୍ରଣ ବାହାରକୁ ଯାଇ ହାଇୱେରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି । କାନୋର ଗେଜାୱା ସ୍ଥାନୀୟ ସରକାରୀ କ୍ଷେତ୍ରର କ୍ୱାନାର ବାର୍ଡେ ସହରରେ ଏହି ଦୁର୍ଘଟଣା ଘଟିଛି । ଏକ ରିପୋର୍ଟ ଅନୁଯାୟୀ, ଟ୍ରକଟି ଯାତ୍ରୀ ଏବଂ ସାମଗ୍ରୀ ନେଇ କାନୋର ଗୁଜୁଙ୍ଗୁ ସହର ଅଭିମୁଖେ ଯାଉଥିଲା । ଗାଡିଟି ରାଜପଥରେ ଦ୍ରୁତ ଗତିରେ ଯାଉଥିବା ବେଳେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଟ୍ରକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସ୍ଥାନୀୟ ଗଣମାଧ୍ୟମ ଏବଂ ସରକାର ଏହି ଘଟଣା ପାଇଁ ବେପରୁଆ ଗାଡି ଚାଳନାକୁ ଦାୟୀ କରିଛନ୍ତି । କାନୋର ରାଜ୍ୟପାଳ ଆବା କବିର ୟୁସୁଫଙ୍କ ମୁଖପାତ୍ର ସୁନୁସି ବାତୁରେ ଦାୱାକିନ ତୋଫା ଏକ ବିବୃତ୍ତିରେ ଘଟଣାର ସତ୍ୟାସତ୍ୟ ଜଣାଇଛନ୍ତି । ବିବୃତ୍ତିରେ କୁହାଯାଇଛି ଯେ ମୃତ୍ୟୁ ସଂଖ୍ୟା ୩୦ ରୁ ଅଧିକ ଏବଂ ଆହତଙ୍କ ସଂଖ୍ୟା ମଧ୍ୟ ଯଥେଷ୍ଟ ଅଧିକ । ଆହତମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ଏବଂ ସେମାନଙ୍କୁ କାନୋର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରାଜ୍ୟପାଳ ଆହତମାନଙ୍କ ପାଇଁ ତୁରନ୍ତ ଚିକିତ୍ସା ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟପାଳ ଆବା କବିର ୟୁସୁଫ୍ ଏହି ଦୁର୍ଘଟଣାକୁ ହୃଦୟବିଦାରକ ଏବଂ ଏକ ଦୁଃଖଦ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି । ସେ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି ଏବଂ ରାଜ୍ୟବାସୀଙ୍କୁ ଟ୍ରାଫିକ୍ ନିୟମ କଡ଼ାକଡ଼ି ପାଳନ କରିବାକୁ ନିବେଦନ କରିଛନ୍ତି । ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ, ବିଶେଷକରି ଭାରୀ ଯାନର ଚାଳକମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି ।

## ମଙ୍ଗଳ ଗ୍ରହ ପୂର୍ବରୁ ଚନ୍ଦ୍ରରେ ନିର୍ମାଣ ହେବ ସହର: ମସ୍କ

ୱାସିଂଟନ: ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି, ଏଲନ୍ ମସ୍କ, ତାଙ୍କ ଭବିଷ୍ୟତର ମହାକାଶ ଯୋଜନାରେ ଏକ ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି । ମସ୍କ ଘୋଷଣା କରିଛନ୍ତି, ସ୍ପେସ୍ଏକ୍ସ ଏବେ ମଙ୍ଗଳ ଗ୍ରହ ପୂର୍ବରୁ ଚନ୍ଦ୍ରରେ ଏକ ଆତ୍ମନିର୍ଭରଶୀଳ ସହର ପ୍ରତିଷ୍ଠା ଉପରେ ଧ୍ୟାନ ଦେଉଛି । ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି, ଚନ୍ଦ୍ରରେ ଏକ ସହର ପ୍ରତିଷ୍ଠା କରିବାର ଲକ୍ଷ୍ୟ ଆସନ୍ତା ୧୦ ବର୍ଷ ମଧ୍ୟରେ ହାସଲ କରାଯାଇପାରିବ । ପୃଥିବୀଠାରୁ ଚନ୍ଦ୍ରର ଦୂରତା କମ୍ ଓ ସମ୍ବଳର ଉପଲବ୍ଧତା ଯୋଗୁ ମଙ୍ଗଳ ଗ୍ରହ ଅପେକ୍ଷା ସେଠାରେ ଏକ ଆଧାର ନିର୍ମାଣ ବହୁତ ସହଜ ତଥା ଦ୍ରୁତ ହେବ । ମସ୍କଙ୍କ ଅନୁସାରେ, ମଙ୍ଗଳ ଗ୍ରହରେ ମାନବ ବସତି ସ୍ଥାପନ ଓ ଏହାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ୨୦ ବର୍ଷରୁ ଅଧିକ ସମୟ ଲାଗିପାରେ । ତେଣୁ ସ୍ପେସ୍?ଏକ୍ସ ଏବେ ଏହାର ପ୍ରାଥମିକତାକୁ ପରିବର୍ତ୍ତନ କରିଛି । ସ୍ପେସ୍?ଏକ୍ସ ଏହାର ସମ୍ବଳର ଏକ ବଡ଼ ଅଂଶକୁ ସମ୍ପୂର୍ଣ୍ଣ ଭାବରେ ଚନ୍ଦ୍ର ଆଡ଼କୁ ପଠାଇବ । ଯଦିଓ ମଙ୍ଗଳ ମିଶନ ସମ୍ପୂର୍ଣ୍ଣ ଭାବରେ ବାତିଲ ହେବ ନାହିଁ । ତେବେ ଏହାର ପ୍ରକୃତ ପ୍ରକ୍ଷେପଣ ଏବେ ପ୍ରାୟ ୫ ରୁ ୭ ବର୍ଷ ବିଳମ୍ବ ହେବ । ସ୍ପେସଏକ୍ସ ଏବେ ମାର୍ଚ୍ଚ ୨୦୨୭ ସୁଦ୍ଧା ଚନ୍ଦ୍ର ପୃଷ୍ଠରେ ଏକ ମାନବହୀନ ଅବତରଣ ହାସଲ କରିବାର ଉଚ୍ଚ ଲକ୍ଷ୍ୟ ରଖିଛି । ଏଲନ୍ ମସ୍କ ପୂର୍ବରୁ କହିଥିଲେ ଯେ, ସେ ୨୦୨୬ ଶେଷ ସୁଦ୍ଧା ମଙ୍ଗଳ ଗ୍ରହକୁ ଏକ ମାନବହୀନ ମିଶନ ପଠାଇବେ । କିନ୍ତୁ ସେହି ସମୟସୀମା ବର୍ତ୍ତମାନ ବଦଳି ଯାଇଛି । ଏହି ମିଶନ ମୁଖ୍ୟତଃ ଷ୍ଟାରସିପ୍ ରକେଟ୍ ଉପରେ ନିର୍ଭର କରିଥାଏ । ଯାହାକୁ ବିଶ୍ୱର ସବୁଠାରୁ ବଡ଼ ଓ ସବୁଠାରୁ ଶକ୍ତିଶାଳୀ ପୁନଃବ୍ୟବହାରଯୋଗ୍ୟ ରକେଟ୍ ଭାବରେ ବିବେଚନା କରାଯାଇଥାଏ । ଚନ୍ଦ୍ରରେ ଏକ ଆଧାର ସ୍ଥାପନ କରିବା ସହଜ କାରଣ ମଙ୍ଗଳକୁ ଯିବାକୁ ମାସ ମାସ ଲାଗୁଥିବାବେଳେ ପୃଥିବୀରୁ ଚନ୍ଦ୍ରରେ ପହଞ୍ଚିବାକୁ ମାତ୍ର ତିନି ଦିନ ଲାଗେ । ସେଠାରେ ବରଫ ମିଳିବାର ସମ୍ଭାବନା ଅଛି । ଯାହାକୁ ଭବିଷ୍ୟତର ମଣିଷ ପାଇଁ ଅମ୍ଳଜାନ ଓ ହାଇଡ୍ରୋଜେନ ଭଳି ଅତ୍ୟାବଶ୍ୟକ ଇନ୍ଧନରେ ରୂପାନ୍ତରିତ କରାଯାଇପାରିବ । ଦକ୍ଷିଣ ମେରୁ ନିକଟରେ ଥିବା ସାକଲେଟନ୍ କ୍ରେଟର ଭଳି କିଛି ଅଞ୍ଚଳ ପ୍ରାୟ ସ୍ଥିର ସୂର୍ଯ୍ୟକିରଣ ପାଇଥାଏ । ଯାହା ଏହାକୁ ସୌରଶକ୍ତି ପାଇଁ ଲାଭଦାୟକ କରିଥାଏ । ମସ୍କଙ୍କ ଯୋଜନା ଅନୁଯାୟୀ, ଷ୍ଟାରସିପ୍ ରକେଟ୍ ପ୍ରାରମ୍ଭରେ ମଣିଷଙ୍କ ପାଇଁ ଏକ ବାସସ୍ଥାନ କିମ୍ବା ଆଧାର ଭାବରେ କାର୍ଯ୍ୟ କରିବ । କାର୍ଗୋ ମିଶନଗୁଡ଼ିକ ପୃଥିବୀରୁ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବ, ଏବଂ ପରେ ଥ୍ରୀ-ଡି ପ୍ରିଣ୍ଟିଂ ତଥା ରୋବୋଟ୍ ବ୍ୟବହାର କରି ଆଧାର ବିସ୍ତାର କରାଯିବ । ଏହି ସହର ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହେବ । ଅର୍ଥାତ୍ ଏହା ଚନ୍ଦ୍ରରେ ହିଁ ଏହାର ସମସ୍ତ ଆବଶ୍ୟକତା ପୂରଣ କରିପାରିବ । ଚନ୍ଦ୍ରରେ ବିକିରଣ ଓ ଧୂଳି ଝଡ଼ ଭଳି ଚ୍ୟାଲେଞ୍ଜ ମଙ୍ଗଳ ଗ୍ରହ ତୁଳନାରେ ଯଥେଷ୍ଟ କମ୍ ଥିବା ଜଣାପଡିଛି । ଯାହା ଏହାକୁ ମଣିଷ ପାଇଁ ଉପଯୁକ୍ତ କରିପାରିବ । ମସ୍କଙ୍କର ଚୂଡ଼ାନ୍ତ ଲକ୍ଷ୍ୟ ହେଉଛି ମଣିଷକୁ ଏକ ବହୁ-ଗ୍ରହ ପ୍ରଜାତି କରିବା । ଯାହା ବିପର୍ଯ୍ୟୟ ସମୟରେ ଦୀର୍ଘକାଳୀନ ବଞ୍ଚିବାକୁ ସୁନିଶ୍ଚିତ କରିବ । ଚନ୍ଦ୍ରରେ ଏକ ସଫଳ ଆଧାର ସ୍ଥାପନ କରିବା ପରେ, ମଙ୍ଗଳରେ ଏକ ସହର ପ୍ରତିଷ୍ଠା କାର୍ଯ୍ୟ ୨୦ ବର୍ଷ ମଧ୍ୟରେ ପୂର୍ଣ୍ଣ ଗତିରେ ପୁନର୍ବାର ଆରମ୍ଭ ହେବ ବୋଲି ସେ କହିଛନ୍ତି ।

## କାନପୁର ହସ୍ପିଟାଲରେ ଅଗ୍ନିକାଣ୍ଡ, ନବଜାତ ଶିଶୁର ମୃତ୍ୟୁ

କାନପୁର: ଉତ୍ତରପ୍ରଦେଶ କାନପୁର ଜିଲ୍ଲାର ଏକ ଘରୋଇ ନର୍ସିଂ ହୋମ୍ ଏନ୍ଆଇସିୟୁ (ନିଓନାଟାଲ ଇନ୍ଟେନ୍ସିଭ୍ କେୟାର ୟୁନିଟ୍)ରେ ଅଗ୍ନିକାଣ୍ଡ ଘଟି ଜଣେ ନବଜାତ ଶିଶୁର ମୃତ୍ୟୁ ହୋଇଯାଇଛି । ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏଭଳି ଦୁଃଖଦ ଘଟଣା ଘଟିଛି ଏବଂ ସେମାନେ କଥା ଲୁଚାଇବାକୁ ଚେଷ୍ଟା କରିଛନ୍ତି ବୋଲି ପରିବାର ସଦସ୍ୟ ପୁଲିସରେ ଅଭିଯୋଗ କରିଛନ୍ତି । ଖବର ପାଇ ସିଏମ୍ଓ ( ଚିଫ୍ ମେଡିକାଲ ଅଫିସର)ଙ୍କ ଅଫିସ୍ର ଏକ ଟିମ୍ ଆଇସିୟୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି । ଜାଣିବାକୁ ମିଳିଲା ଯେ, ଏହି ନର୍ସିଂହୋମ୍ରେ ଥିବା ଏନ୍ଆଇସିୟୁ ବେଆଇନ ଭାବେ ଚାଲିଥିଲା । ଏଥିପାଇଁ କୌଣସି ବୋଧ ଲାଇସେନ୍ସ ମିଳିନି । ଫଳରେ ଅଧିକାରୀମାନେ ଏନ୍ଆଇସିୟୁ ସିଲ୍ କରିଛନ୍ତି । ମିଳିଥିବା ସୂଚନାନୁଯାୟୀ ବିଥୁରର ରାଜା ନର୍ସିଂ ହୋମ୍ରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ହୋଇଛି । ଏନ୍ଆଇସିୟୁରେ ଥିବା ଉଷୁମ ମେସିନ୍ରେ ସର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଯିବା ଫଳରେ ଶିଶୁଟି ପୋଡ଼ି ହୋଇଯାଇଥିଲା । ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି ଯେ, ଏହି କଥା ସେମାନଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ୪-୫ ଘଣ୍ଟା ପର୍ଯ୍ୟନ୍ତ ଜଣାଇ ନ ଥିଲେ । ବାରମ୍ବାର ବାଧ କରିବାପ ?ରେ ସେମାନେ ସତ କହିଥିଲେ । ଏହାପରେ ପରିବାର ସଦସ୍ୟ ହସ୍ପିଟାଲରେ ବଡ଼ ଧରଣର ହଙ୍ଗାମା କରିଛନ୍ତି ।

## ଚର୍ଚ୍ଚାରେ ବ୍ରିଟେନର ଗୃହମନ୍ତ୍ରୀ ଶବାନା ମାହମୁଦ

ଲଣ୍ଡନ: ଏପଷ୍ଟିନ ଫାଇଲକୁ ନେଇ ବ୍ରିଟେନରେ ଏକପ୍ରକାର ଅସ୍ଥିରତା ସ୍ଥିତି ଦେଖାଯାଇଛି । ଏପଷ୍ଟିନ ଫାଇଲରେ ନାଁ ଆସିବା ପରେ ବ୍ରିଟେନରେ ପୂର୍ବତନ ରାଷ୍ଟ୍ରଦୂତ ପିଟର ମାଣ୍ଡେଲସନଙ୍କୁ ହାଉସ ଅଫ୍ ଲର୍ଡସରୁ ଇସ୍ତଫା ଦେବାକୁ ପଡ଼ିଛି । ମାଣ୍ଡେଲସନଙ୍କ ବିରୋଧରେ ଏବେ ଆପରାଧିକ ତଦନ୍ତ ଚାଲିଛି । ବ୍ରିଟିଶ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର ମାଣ୍ଡେଲସନଙ୍କ ନିଯୁକ୍ତିକୁ ନେଇ ବିବାଦର ସମ୍ମୁଖୀନ ହୋଇଛନ୍ତି । ରବିବାର ଷ୍ଟାର୍ମରଙ୍କ ଚିଫ୍ ଅଫ୍ ଷ୍ଟାଫ୍ ମୋର୍ଗାନ୍ ମ୍ୟାକସ୍ୱିନି ଇସ୍ତଫା ଦେଇଛନ୍ତି । ତଥାପି ଷ୍ଟାର୍ମରଙ୍କ ଉପରୁ ବିପଦ ହଟିନାହିଁ । ତାଙ୍କ ଉପରେ ଇସ୍ତଫା ଦେବା ନେଇ ପ୍ରବଳ ଚାପ ରହିଛି । ଏପରି ସମୟରେ ଷ୍ଟାର୍ମରଙ୍କ ଉତ୍ତରାଧିକାରୀ ଭାବେ ଶବାନା ମାହମୁଦଙ୍କ ନାଁକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଶବାନା ବର୍ତ୍ତମାନ ବ୍ରିଟେନର ଗୃହମନ୍ତ୍ରୀ ଅଛନ୍ତି । ପ୍ରଥମ ମୁସଲିମ୍ ମହିଳା ଭାବେ ଶବାନା ଗୃହମନ୍ତ୍ରୀ ହୋଇପାରିଛନ୍ତି । ୨୦୨୪ରେ ବର୍ମିଂହାମରେ ଜଣେ ଗାଜା ସମର୍ଥକଙ୍କୁ ପରାସ୍ତ କରି ସେ ବ୍ରିଟିଶ ସଂସଦକୁ ଆସିଥିଲେ । ବର୍ମିହାମରେ ୧୯୮୦ ମସିହାରେ ପାକିସ୍ତାନ ବାପାମା'ଙ୍କଠାରୁ ଜନ୍ମିତ ଶବାନାଙ୍କ ପିଲାଦିନ ସାଉଦି ଆରବରେ କଟିଥିଲା । କିନ୍ତୁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଆଇନ ପଢ଼ିବାକୁ ସେ ବ୍ରିଟେନ ଫେରିଥିଲେ । ଷ୍ଟାର୍ମର ଇସ୍ତଫା ଦେଲେ ଶବାନା ବ୍ରିଟେନର ପ୍ରଥମ ମୁସଲମାନ ପ୍ରଧାନମନ୍ତ୍ରୀ ହେବେ ବୋଲି ଚର୍ଚ୍ଚା ହେଉଛି ।

## ଗୁରୁବାର ଭାରତ ବନ୍ଦ ଡାକରା: କ'ଣ ରହିବ ଖୋଲା

ନୂଆଦିଲ୍ଲୀ : କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଦ୍ୱାରା କୃଷକ ସଂଗଠନଗୁଡ଼ିକର ଦୃଢ଼ ସମର୍ଥନ ସହିତ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି । ଫେବୃଆରୀ ୧୨ ତାରିଖ ଅର୍ଥାତ ଗୁରୁବାର ଭାରତରେ ବ୍ୟାପକ ବାଧା ଉପୁଜିବାର ସମ୍ଭାବନା ରହିଛି । ଏହି ଧର୍ମଘଟ ବିଭିନ୍ନ ରାଜ୍ୟରେ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି, ଯାହା ବ୍ୟାଙ୍କିଂ ସେବା, ପରିବହନ ଏବଂ ସାଧାରଣ ବ୍ୟବସାୟିକ କାର୍ଯ୍ୟକଳାପକୁ ପ୍ରଭାବିତ କରିବ, ବିଶେଷକରି ସରକାରୀ କ୍ଷେତ୍ର ପ୍ରତିଷ୍ଠାନରେ । ଭାରତୀୟ ବାଣିଜ୍ୟ ସଂଘ କେନ୍ଦ୍ର, ଅଲ ଇଣ୍ଡିଆ ଟ୍ରେଡ ୟୁନିଅନ କଂଗ୍ରେସ, ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ ୟୁନିଅନ କଂଗ୍ରେସ, ହିନ୍ଦ ମଜଦୁର ସଭା, ଅଲ ଇଣ୍ଡିଆ କେନ୍ଦ୍ରୀୟ ବାଣିଜ୍ୟ ସଂଘ, ଖଟର ଏବଂ ଟଞ୍ଚଟଉ ସମେତ ଦେଶବ୍ୟାପୀ ପ୍ରମୁଖ ବାଣିଜ୍ୟ ସଂଘଗୁଡ଼ିକ ଏହି ଧର୍ମଘଟକୁ ଡାକରା ଦେଇଛନ୍ତି ।

## ଆଲୋଚନା, ଧମକ ଆଉ ଟ୍ରମ୍ପଙ୍କ ନାଲିଆଖି: ଆମର ପ୍ରକୃତ ଅସ୍ତ୍ର ହେଉଛି ଶକ୍ତିଶାଳୀ ଦେଶକୁ ନା କହିବା କହିଲା ଇରାନ



ୱାସିଂଟନ: ପରମାଣୁ ଚୁକ୍ତି ଆଲୋଚନା ମଧ୍ୟରେ ଆମେରିକା କ'ଣ ଇରାନ ଉପରେ ଆକ୍ରମଣ କରିବ? ଏହି ପ୍ରଶ୍ନ କେବଳ ମଧ୍ୟପ୍ରାଚ୍ୟ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ଏକ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ମଧ୍ୟରେ, ଇରାନ ଦାବି କରିଛି ଯେ, ଆମେରିକା ଆମର ସ୍ଥିତିକୁ ସମ୍ମାନ ଦେଉ । ଇରାନ ଜୋରଜବରଦସ୍ତିର ଭାଷା ବୁଝେ ନାହିଁ । ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ଜୋର ଦେଇ କହିଛନ୍ତି, ପରମାଣୁ ଚୁକ୍ତିନାମା ଅନୁଯାୟୀ ଇରାନର ୟୁରାନିୟମ ସମୃଦ୍ଧି ଜାରି ରଖିବାର ଅଧିକାର ଅଛି । ଏହି ବିବୃତି ଏପରି ସମୟରେ ଆସିଛି ଯେତେବେଳେ ଦୁଇ ଦେଶ ଆସନ୍ତା ସପ୍ତାହରେ ଓମାନରେ ଆଉ ଏକ ପରମାଣୁ ଆଲୋଚନା ପାଇଁ ସାକ୍ଷାତ କରିବାକୁ ଯାଉଛନ୍ତି । ଇରାନ ରାଷ୍ଟ୍ରପତି ଶୁକ୍ରବାର ଓମାନରେ ପରୋକ୍ଷ ଆଲୋଚନାକୁ ଆଗକୁ ଏକ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ତାଙ୍କ ସରକାର ଆଲୋଚନାକୁ ସମର୍ଥନ କରେ । ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଉପସାଗରୀୟ ଅଞ୍ଚଳରେ ଦ୍ରୁତ ଗତିରେ ନିଜର ସାମରିକ ଉପସ୍ଥିତିକୁ ବିସ୍ତାର କରୁଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ସରକାର ଇରାନର ପରମାଣୁ କାର୍ଯ୍ୟକ୍ରମ ଓ ଜାନୁଆରିରେ ହୋଇଥିବା ପ୍ରତିବାଦ ଉପରେ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ପାଇଁ ଇରାନ ଉପରେ ଚାପ ବୃଦ୍ଧି କରିଆସୁଛନ୍ତି । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ସ୍ୱୀକାର କରିଛନ୍ତି ଯେ, ଆମେରିକା ମଧ୍ୟପ୍ରାଚ୍ୟରେ ସାମରିକ ଶକ୍ତି ବୃଦ୍ଧି କରୁଛି । ଆମେ ଆମେରିକାର ସାମରିକ ଉପସ୍ଥିତିକୁ ଭୟ କରୁନାହୁଁ । ଜାନୁଆରି ଶେଷ ଭାଗରେ, ଆମେରିକା ନିଜର ବିମାନ ବାହକ ୟୁଏସଏସ ଆବ୍ରାହମ ଲିଙ୍କନକୁ ଆରବ ସାଗରକୁ ପଠାଇଥିଲା । ଗତ ସପ୍ତାହରେ, ବିବିସି ରିପୋର୍ଟ କରିଥିଲା ଯେ, ଏଫ୍-୧୫ ଲଢୁଆ ବିମାନ, ଏମ୍କ୍ୟୁ-୯ ରିପର ଡ୍ରୋନ ଓ ଏ-୧୦ସି ଥଣ୍ଡରବୋଲ୍ଟ ବିମାନ ଜୋର୍ଡାନର ଏକ ବାୟୁସେନା ଘାଟିରେ ପହଞ୍ଚିଛି । ବିବିସି ରିପୋର୍ଟ ଅନୁଯାୟୀ, ସାଟେଲାଇଟ୍ ଚିତ୍ରରେ ଆମେରିକାର ଯୁଦ୍ଧଜାହାଜ ୟୁଏସ୍ଏସ୍ ଡେଲବର୍ଟ ଡି. ବ୍ଲାକ୍ ସୁଏଜ୍ କେନାଲ ଦେଇ ଲୋହିତ ସାଗର ଆଡକୁ ଗତି କରୁଥିବାର ଦେଖାଯାଇଥିଲା । ଏହା ସହିତ, ଆମେରିକାର ନିରୀକ୍ଷଣ ଡ୍ରୋନ୍ ସ ଗୁପ୍ତଚର ବିମାନଗୁଡ଼ିକ ଉପସାଗର ଅଞ୍ଚଳରେ ସକ୍ରିୟ ଥିଲେ ।

ଆମେରିକାର ସାମରିକ ଅଗ୍ରଗତି ସତ୍ତ୍ୱେ, ଇରାନ କହିଛି ଯେ, ଆମେ କେବେବି ୟୁରାନିୟମ ସମୃଦ୍ଧି ବନ୍ଦ କରିବୁ ନାହିଁ । ଯୁଦ୍ଧ ଧମକ ନେଇ ଭୟଭୀତ ହେବୁ ନାହିଁ । ସରକାର ବିରୋଧୀ ପ୍ରତିବାଦ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକା ପୂର୍ବରୁ ଇରାନରେ ହସ୍ତକ୍ଷେପ କରିବାକୁ ଧମକ ଦେଇଛି । ଏହି ସମୟରେ, ଇରାନ କିଛି ସଂସ୍କାରବାଦୀ ନେତାଙ୍କୁ ଗିରଫ କରିଛି ଏବଂ ନୋବେଲ ପୁରସ୍କାର ବିଜେତା ନର୍ଗେସ ମହମ୍ମଦିଙ୍କୁ ଆଉ ଏକ ଦଣ୍ଡାଦେଶ କରିଛି । ଆରାଘଚି ତେହେରାନରେ କହିଥିଲେ, ଇରାନର ଆମେରିକା ଉପରେ ଭରସା ନାହିଁ । ଆମେରିକା ଆଲୋଚନାକୁ ଗମ୍ଭୀରତାର ସହ ନେଉଛି ବୋଲି ଆମର ସନ୍ଦେହ ହେଉଛି । ଇରାନ ଏହି ପ୍ରସଙ୍ଗରେ ଚୀନ୍ ଓ ରୁଷ ସହିତ ପରାମର୍ଶ କରୁଛି । ଆମକୁ ଯୁଦ୍ଧ କରିବାକୁ ପଡୁ ପଛେ ଆମେ ୟୁରାନିୟମ୍ ସମୃଦ୍ଧି ପରିତ୍ୟାଗ କରିବୁନାହିଁ । କାରଣ କେହି ଆମକୁ କଣ କରିବାକୁ ହେବ ତାହାର ପରାମର୍ଶ ଦେଇପାରିବେ ନାହିଁ ।

ଶୁକ୍ରବାର ଆମେରିକା ଓ ଇରାନ ଓମାନରେ ପୁଣି ଥରେ ଆଲୋଚନା ଆରମ୍ଭ କରିଛନ୍ତି । ଗତ ବର୍ଷ ଜୁନ୍ ମାସରେ ଇସ୍ରାଏଲ-ଇରାନ ଯୁଦ୍ଧ ପରେ ଏହି ଆଲୋଚନା ପ୍ରଥମ । ଇରାନ ଚାହୁଁଛି ଯେ ଆମେରିକା ଲାଗୁ ହୋଇଥିବା ଆର୍ଥିକ କଟକଣା ଉଠାଇ ଦେଉ । ପ୍ରତିବଦଳରେ, ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ କିଛି ଆତ୍ମବିଶ୍ୱାସ ସୃଷ୍ଟିକାରୀ ପଦକ୍ଷେପ ନେବାକୁ ଇଚ୍ଛୁକ । ପାଶ୍ଚାତ୍ୟ ଦେଶ ଓ ଇସ୍ରାଏଲ କହିଛନ୍ତି, ଇରାନ ଏକ ପରମାଣୁ ବୋମା ନିର୍ମାଣ କରିବାକୁ ଚାହୁଁଛି । କିନ୍ତୁ ଇରାନ ଏହାକୁ ଅସ୍ୱୀକାର କରୁଛି । ସେମାନେ ଆମର ପରମାଣୁ ବୋମାକୁ ଭୟ କରନ୍ତି, କିନ୍ତୁ ଆମେ ସେଭଳି କରିବାକୁ ଚାହୁଁନାହୁଁ ବୋଲି ଆରାଘଚି କହିଛନ୍ତି । ଆମର ପ୍ରକୃତ ଅସ୍ତ୍ର ହେଉଛି ଶକ୍ତିଶାଳୀ ଦେଶକୁ ନା କହିବାର ଶକ୍ତି । ଆମେରିକା ଓ ଇସ୍ରାଏଲ ଚାହୁଁଛନ୍ତି, ଆଲୋଚନାରେ ଇରାନର କ୍ଷେପଣାସ୍ତ୍ର ତଥା ଏହି ଅଞ୍ଚଳରେ ସଶସ୍ତ୍ର ଗୋଷ୍ଠୀଗୁଡ଼ିକୁ ସମର୍ଥନ ଅନ୍ତର୍ଭୁକ୍ତ ହୁଅନ୍ତୁ । କିନ୍ତୁ ଇରାନ ହାର ମାନିବାକୁ ମନା କରୁଛି । ଏହି ସମୟରେ, ଇରାନର ତୈଳ ରପ୍ତାନିକୁ ସୀମିତ କରିବା ପାଇଁ ଆମେରିକା ନୂତନ କଟକଣା ଲାଗୁ କରିଛି । ତେହେରାନରେ ଭାଷଣ ଦେଇ ଆରାଘଚି କହିଛନ୍ତି ଯେ ନିରନ୍ତର କଟକଣା ଏବଂ ସାମରିକ କାର୍ଯ୍ୟାନୁଷ୍ଠାନକୁ ଦେଖିଲେ ଆମକୁ ଲାଗୁ ନାହିଁ ଯେ, ଆମେରିକା ପ୍ରକୃତରେ ଆନ୍ତରିକ ଭାବରେ ଆଲୋଚନା କରିବାକୁ ଚାହୁଁଛି । ତେଣୁ ଏନେଇ ଆମ ମନରେ ସନ୍ଦେହ ସୃଷ୍ଟି ହେଉଛି ।

# ଦୋଛକିରେ ପିସିବି : ସର୍ତ୍ତକୁ ଅସ୍ୱୀକାର କଲା ଆଇସିସି

ନୂଆଦିଲ୍ଲୀ,୯।୨: ଟି-୨୦ ବିଶ୍ୱକପ-୨୦୨୬ରେ ଭାରତ ଓ ପାକିସ୍ତାନ ମ୍ୟାଚ୍‌ର ସମୟ ପାଖେଇ ଆସୁଛି ଏହା ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଆଲୋଚନା ମାଧ୍ୟରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲା କିନ୍ତୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ୪ଟି ଦାବି ରଖିଥିଲା। ସୂତ୍ର ଅନୁସାରେ ପିସିବିର ଦାବିକୁ ଆଇସିସି ଅସ୍ୱୀକାର କରିଛି। ଟି-୨୦ ବିଶ୍ୱକପ ରେ ଭାରତ ବିପକ୍ଷ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ପ୍ରସ୍ତୁତ ରହିଛି। ନିଜର ବୟକଟ ନିଷ୍ପତ୍ତିର ବିଚ୍ଚାର କରିବା ଓ ସରକାରଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ରାଜି ଥିବା ପାକିସ୍ତାନ ଆଇସିସି ଆଗରେ ୩ଟି ସର୍ତ୍ତ ରଖିଛି ଯଦି ଆଇସିସି ୩ ସର୍ତ୍ତରେ ରାଜି ହେବ, ତା'ହେଲେ ଆସନ୍ତା ୧୫ ତାରିଖରେ ପାକିସ୍ତାନ ବିଶ୍ୱକପରେ ଭାରତ ବିପକ୍ଷରେ ମ୍ୟାଚ୍ ଖେଳିବାକୁ କଲମ୍ବୋ ପିଚ୍‌କୁ ଓହ୍ଲାଇବ ବୋଲି କହିଛି। କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି ପକ୍ଷରୁ ରଖାଯାଇଥିବା ୩ ସର୍ତ୍ତ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଏହା ମଧ୍ୟରେ ଭାରତୀୟ ଖେଳାଳିଙ୍କ ସହ ହାତ ମିଳାଇବା ଭଳି ସର୍ତ୍ତ ମଧ୍ୟ ରହିଛି।




ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ଜାରି ରହିଥିବା ବିବାଦର ସମାଧାନ ପାଇଁ ରବିବାର ଲାହୋରର ଗଦାଫି ଷ୍ଟାଡିୟମରେ ଆଇସିସ, ପିସିବି ଓ ବାଂଲାଦେଶ କ୍ରିକେଟ ବୋର୍ଡର ମୁଖ୍ୟ ଅମିନୁଲ ଇସଲାମ ବୁଲବୁଲଙ୍କ ମଧ୍ୟରେ ବୈଠକ ହୋଇଥିଲା। ଏହି ବୈଠକରେ ଆଇସିସି ଧାର୍ଯ୍ୟ ସୂଚୀ ଅନୁସାରେ ଭାରତ-ପାକିସ୍ତାନ ମ୍ୟାଚ୍ ଆୟୋଜନ ଉପରେ ଫୋକସ କରିଥିଲା।

ପାକିସ୍ତାନ ପୂର୍ବରୁ ଏହି ମ୍ୟାଚ୍‌କୁ ବୟକଟ କରିବ ବୋଲି ଘୋଷଣା କରିଥିବାରୁ ଏହାର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଆଇସିସି ଉପାଧ୍ୟକ୍ଷ ପିସିବିର ସଦସ୍ୟମାନଙ୍କୁ ବୁଝାଇଥିଲେ। ପିସିବି ସବୁ କିଛି ବୁଝିବା ପରେ ଏକାଧିକ ସର୍ତ୍ତ ଆଇସିସି ଆଗରେ ଉପସ୍ଥାପନ କରିଛି। ଏହା ମଧ୍ୟରେ ଥିବା ୩ଟି ସର୍ତ୍ତ ସମସ୍ତଙ୍କୁ ଚକିତ କରିଛି।

୩ ସର୍ତ୍ତ ହେଲା:

୧- ଆଇସିସି ପକ୍ଷରୁ ପିସିବିକୁ ମିଳୁଥିବା ରାଜସ୍ୱକୁ ବୃଦ୍ଧି କରିବା

୨- ଭାରତ ସହ ଦ୍ୱିପାକ୍ଷିକ କ୍ରିକେଟକୁ ପୁଣି ଚାଲୁ କରିବା

୩- ହାତ ମିଳାଇବା ପ୍ରୋଟୋକଲକୁ କଡାକଡି ଲାଗୁ କରିବା

ଏସିଆ କପରେ ଭାରତୀୟ ଖେଳାଳିମାନେ ପାକିସ୍ତାନର ଖେଳାଳିଙ୍କ ସହ ହାତ ମିଳାଇ ନଥିଲେ। ସେହିପରି ଏସିଆ କପ ଫାଇନାଲ ଜିତିବା ପରେ ମଧ୍ୟ ପିସିବି ମୁଖ୍ୟ ଭାବେ କାର୍ଯ୍ୟ କରୁଥିବା ଏସିସି ଅଧ୍ୟକ୍ଷ ମୋହସିନ ନକଭୀଙ୍କ ଠାରୁ ଭାରତୀୟ ଟିମ ଟ୍ରଫି ଗ୍ରହଣ କରି ନଥିଲା। ଏହାକୁ ନେଇ ଲୋକଲଜ୍ଜାର ସମ୍ମୁଖୀନ ହୋଇଥିବା ପାକିସ୍ତାନ ଏବେ ଭାରତୀୟ ଖେଳାଳିଙ୍କ ସହ ହାତ ମିଳାଇବାକୁ ବିକଳ ହୋଇ ଉଠିଛି। ଭାରତ ବିପକ୍ଷ ବିଶ୍ୱକପ ମ୍ୟାଚ୍ ଖେଳିବା ନେଇ ପାକିସ୍ତାନ ଏହାକୁ ପ୍ରମୁଖ ସର୍ତ୍ତ ଭାବେ ଉପସ୍ଥାପନ କରିଛି।ପିସିବି ପକ୍ଷରୁ ଉପସ୍ଥାପନ ହୋଇଥିବା ୩ ସର୍ତ୍ତ ଉପରେ ଆଇସିସି କୌଣସି ପ୍ରକାରର ପ୍ରତିକ୍ରିୟା ରଖିନାହିଁ। ସେହିପରି ଦ୍ୱିପାକ୍ଷିକ ସିରିଜ ଆରମ୍ଭ କରିବା ସଂପୂର୍ଣ୍ଣ ଭାବେ ଦୁଇ ବୋର୍ଡଙ୍କ ଉପରେ ନିର୍ଭର କରେ। ତଥାପି ପିସିବି ପକ୍ଷରୁ କାହିଁକି ଆଇସିସି ଆଗରେ ଏହାର ସର୍ତ୍ତ ରଖାଗଲା, ତାହା ମଧ୍ୟ ବୁଝାପଡୁନି। ପ୍ରଥମ ସର୍ତ୍ତ ଉପସ୍ଥାପନ କରି ପିସିବି ଅଧିକ ଟଙ୍କା ଆଇସିସି ଠାରୁ ହାତେଇବାକୁ ଲକ୍ଷ୍ୟ ରଖିଛି। ଭାରତ-ପାକିସ୍ତାନ ବିଶ୍ୱକପରେ ମ୍ୟାଚ୍ ନଖେଳିଲେ ପିସିବି ଭଲ ଭାବେ ଜାଣିଛି ଯେ ଆଇସିସିକୁ ବଡ କ୍ଷତି ସହିବାକୁ ପଡିବ। ତେଣୁ ପାକିସ୍ତାନ ଜାଣିଶୁଣି ଆଇସିସି ଆଗରେ ମ୍ୟାଚ୍ ଖେଳିବା ପାଇଁ ରାଜସ୍ୱ ବୃଦ୍ଧିର ପ୍ରସ୍ତାବ ରଖିଛି।

ଆଇସିସି ରାଜସ୍ୱ ବଣ୍ଟନ୍ ସର୍ବାଧିକ ଲାଭ ପାଉଥିବା ଦେଶଗୁଡିକ ମଧ୍ୟରେ ପାକିସ୍ତାନ ୪ ନମ୍ବରେ ରହିଛି। ଆଇସିସି ଆୟର ୫.୭୫% ରାଜସ୍ୱ ପିସିବି ପାଉଛି। ୨୦୨୩ରେ ପାକିସ୍ତାନ ୩୪.୫୧ ମିଲିୟନ ଡଲାର ପାଇଥିଲା। ପାକିସ୍ତାନ ତୁଳନାରେ ବିସିସିଆଇ ୨୩୧ ମିଲିୟନ ଡଲାର, ଇଂଲଣ୍ଡ ୧୩୯ ମିଲିୟନ ଡଲାର ଓ ଅଷ୍ଟ୍ରେଲିଆ ୧୨୮ ମିଲିୟନ ଡଲାର ଆଇସିସି ଠାରୁ ପାଉଛନ୍ତି। ଏବେ ପାକିସ୍ତାନ ଏହାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।

### ଭାରତୀୟ ବୃହତ ବନ୍ଦର କବାଡି ପ୍ରତିଯୋଗିତା ଉଦଯାପିତ

## ଜବାହରଲାଲ ନେହେରୁ ବନ୍ଦର ଚାମ୍ପିଅନ

ପାରାଦୀପ,୯।୨: ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡ ତତ୍ତ୍ୱାବଧାନରେ ପାରାଦୀପ ବନ୍ଦର ବିଜୁକନଭେନସନ ସେଣ୍ଟର ଠାରେ ଚାଲିଥିବା ୪୧ତମ ସର୍ବଭାରତୀୟ ବୃହତ ବନ୍ଦର କବାଡି ପ୍ରତିଯୋଗିତା ୨୦୨୫-୨୬ ରବିବାର ଦିନ ସଫଳତାର ସହ ଉଦଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ସାରା ଦେଶର ପ୍ରମୁଖ ବନ୍ଦର ଗୁଡ଼ିକର ଦଳ ପ୍ରତିନିଧିତ୍ୱ କରୁଥିବା ସହିତେ ଦଳ ମଧ୍ୟରେ ଉତ୍ସାହଜନକ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଖେଳାଳିମାନେ ମ୍ୟାଚ୍‌ଗୁଡ଼ିକରେ ଅସାଧାରଣ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ କ୍ରୀଡ଼ା ମନୋଭାବ ପ୍ରଦର୍ଶନ କରିଥିଲେ। ଏକ ଆକର୍ଷଣୀୟ ଫାଇନାଲରେ ଜବାହରଲାଲ ନେହେରୁ ବନ୍ଦର ପ୍ରାଧିକରଣ ଚମ୍ପିଅନ ହୋଇଥିବା ବେଳେ କୋଲକାତା ବନ୍ଦର ପ୍ରାଧିକରଣ ରନର୍ସ ଅପ ହୋଇଥିଲା। ପାରାଦୀପ ବନ୍ଦର ଏବଂ ମୁମ୍ବାଇ ବନ୍ଦର ମିଳିତ ଭାବରେ ଦ୍ୱିତୀୟ ରନର୍ସ ଅପ ସ୍ଥାନ ହାସଲ କରିଥିଲେ। ସମାପନ ଅବସରରେ ଟୁର୍ଣ୍ଣାମେଣ୍ଟର ବିଜେତା ଉତ୍ସବରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜୟୀ ଦଳଗୁଡ଼ିକୁ ଟ୍ରଫି ଏବଂ ପଦକ ପ୍ରଦାନ କରିଥିଲେ। ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣର ଉପାଧ୍ୟକ୍ଷ ଟି.ବେଣୁ ଗୋପାଲ, ଗୋପବନ୍ଧୁ କ୍ରୀଡା ସଂସଦର ସଭାପତି ଏଚ୍.ଏସ୍.ରାଉତ, କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ ଏବଂ ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ ଙ୍କ ସମେତ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ ଏବଂ ଟୁର୍ଣ୍ଣାମେଣ୍ଟର ସଫଳ ପରିଚାଳନା ପାଇଁ ଖେଳାଳି, ଅଧିକାରୀ ଏବଂ ଆୟୋଜକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ବଡ଼ ଦଳଙ୍କୁ ନାକେଦମ୍ କଲେଣି ଅଣ୍ଡରଡଗ୍ସ

ନୂଆଦିଲ୍ଲୀ,୯ ୨: ଚଳିତ ଟି-୨୦ ବିଶ୍ୱକପର ପ୍ରଥମ ସପ୍ତାହ କ୍ରିକେଟ ଜଗତର ସମସ୍ତ ପୁରୁଣା ସମୀକରଣକୁ ବଦଳାଇ ଦେଇଛି ଯେଉଁ ଛୋଟ ଦଳମାନଙ୍କୁ ଦିନେ ଦୁର୍ବଳ ବୋଲି କୁହାଯାଉଥିଲା, ସେମାନେ ଏବେ ଇଂଲଣ୍ଡ, ଭାରତ ଏବଂ ପାକିସ୍ତାନ ଭଳି ଦିଗ୍ଗଜ ଦଳଙ୍କ ବିଜୟ ପଥରେ କଣ୍ଟା ସାଜିଛନ୍ତି। ୱାଙ୍ଖେଡ଼େ ଷ୍ଟାଡିୟମରେ ନେପାଳ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ରୋମାଞ୍ଚକର ମ୍ୟାଚ୍ ଏହାର ଜ୍ୱଳନ୍ତ ଉଦାହରଣ।




ରବିବାର ଖେଳାଯାଇଥିବା ମ୍ୟାଚରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୧୮୪ ରନ୍ ସଂଗ୍ରହ କରିଥିଲା ଏହି ବଡ଼ ସ୍କୋରକୁ ପିଛା କରି ନେପାଳ ଶେଷ ବଲ୍ ପର୍ଯ୍ୟନ୍ତ ଲଢ଼େଇ କରିଥିଲା। ଶେଷ ବଲରେ ଜିତିବା ପାଇଁ ନେପାଳକୁ ୬ ରନ୍ ଆବଶ୍ୟକ ଥିବାବେଳେ ସାମ୍ କୁରାନଙ୍କ ଲୋ-ୟର୍କର ଯୋଗୁଁ ଲୋକେଶ ବାମ୍ ମାତ୍ର ୧ ରନ୍ କରିବାକୁ ସକ୍ଷମ ହୋଇଥିଲେ।ଇଂଲଣ୍ଡ ମାତ୍ର ୪ ରନରେ ବିଜୟୀ ହୋଇଥିଲେ ମଧ୍ୟ ନେପାଳର ବ୍ୟାଟରମାନେ ଜୋଫ୍ରା ଆର୍ଚ୍ଚର ଏବଂ ଆଦିଲ ରସିଦଙ୍କ ଭଳି ଘାତକ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି।

କେବଳ ନେପାଳ ନୁହେଁ, ଆମେରିକା ବିରୋଧରେ ବିଜୟ ପାଇଁ ଭାରତକୁ ମଧ୍ୟ କଠିନ ସଂଘର୍ଷ କରିବାକୁ ପଡ଼ିଥିଲା ସୂର୍ଯ୍ୟକୁମାର ଯାଦବଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଯୋଗୁଁ ଭାରତ ଏହି ବିପଦରୁ ରକ୍ଷା ପାଇଥିଲା ସେହିପରି ନେଦରଲ୍ୟାଣ୍ଡ ବିରୋଧରେ ପାକିସ୍ତାନର ବିଜୟ ମଧ୍ୟ ଅତି କଷ୍ଟକର ଥିଲା, ଯାହା ପ୍ରଶଂସକଙ୍କ ମନରେ ଏକ ପ୍ରକାର ଭୟ ସୃଷ୍ଟି କରିଥିଲା।କ୍ରିକେଟ ବିଶେଷଜ୍ଞଙ୍କ ମତରେ, ଟି-୨୦ ଫର୍ମାଟ୍ ଦୁର୍ବଳ ଦଳମାନଙ୍କୁ ବଡ଼ ସୁଯୋଗ ଦେଉଛି ଫ୍ରାଞ୍ଚାଇଜ୍ ଲିଗ୍ ରେ ଖେଳିବା ଦ୍ୱାରା ଏହି ଦଳର ଖେଳାଳିମାନେ ଏବେ ବିଶ୍ୱର ଶ୍ରେଷ୍ଠ ବୋଲରଙ୍କୁ ସାମ୍ନା କରିବାକୁ ଭୟ କରୁନାହାନ୍ତି ନାମିବ୍ୟା ଅଧିନାୟକ ଗେରାର୍ଡ ଏରାସମସଙ୍କ ମତରେ, ଏବେ କ୍ରିକେଟରୁ (ଦୁର୍ବଳ ଦଳ) ଶବ୍ଦ ହଟାଇବାର ସମୟ ଆସିଯାଇଛି।

ଏହି ବିଶ୍ୱକପ୍ ପ୍ରମାଣ କରିଛି ଯେ କ୍ରିକେଟରେ କେହି ଛୋଟ ନୁହନ୍ତି ଯେତେବେଳେ ପ୍ରସ୍ତୁତି ସହ ଆତ୍ମବିଶ୍ୱାସ ମିଶିଯାଏ, ସେତେବେଳେ ଡେଭିଡ୍ ମଧ୍ୟ ଗୋଲିୟଥକୁ ହରାଇବାର କ୍ଷମତା ରଖେ।

## ସ୍କଟଲ୍ୟାଣ୍ଡକୁ ମିଳିଲା ପ୍ରଥମ ବିଜୟ

କୋଲକାତା,୯।୨: ଚଳିତ ଟି-୨୦ ବିଶ୍ୱକପରେ ବାଂଲାଦେଶ ବଦଳରେ ଶେଷ ମୁହୂର୍ତ୍ତରେ ସୁଯୋଗ ପାଇଥିବା ସ୍କଟଲ୍ୟାଣ୍ଡ ହାସଲ କରିଛି ପ୍ରଥମ ବିଜୟ। କୋଲାକତାର ଇଡେନ ଗାର୍ଡେନ୍ସରେ ଦଳ ଡେବ୍ୟୁଟାଣ୍ଟ ଇଟାଲୀ ବିପକ୍ଷରେ ହାସଲ କରିଛି ଦମଦାର ବିଜୟ। ଆଜି ଇଟାଲୀକୁ ଏକତରଫା ଭାବେ ୭୩ ରନରେ ପରାସ୍ତ କରିଛି। ୨୦୮ ରନର ପିଛା କରୁଥିବା ଇଟାଲୀ ୧୩୪ ରନରେ ଅଲଆଉଟ

### ବାଂଲାଦେଶ ବଦଳରେ ଖେଳୁଛି ସ୍କଟଲାଣ୍ଡ

### ୭୩ ରନରେ ହାରିଲା ଇଟାଲୀ

### ସ୍କଟଲାଣ୍ଡ ୨୦୭, ଇଟାଲୀ ୧୩୪

ହୋଇଯାଇଛି। ବ୍ୟାଟିଂରେ ୫ ବଲରେ ଅପରାଜିତ ୨୨ ରନ ଓ ବୋଲିଂରେ ୪ ୱିକେଟ ନେଇଥିବା ସ୍କଟଲ୍ୟାଣ୍ଡର ମାଇକେଲ ଲିସ୍କ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି।

ଚଳିତ ବିଶ୍ୱକପରେ ଏହା ସ୍କଟଲ୍ୟାଣ୍ଡର ଦ୍ୱିତୀୟ ମ୍ୟାଚ୍‌ରୁ ପ୍ରଥମ ବିଜୟ। ଫେବୃଆରୀ ୭ରେ ଦଳ ଇଡେନ ଗାର୍ଡେନ୍ସରେ ପ୍ରଥମ ମ୍ୟାଚ୍ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିଥିଲା। ହେଲେ ଦଳକୁ ୩୫ ରନରେ ମ୍ୟାଚ୍ ହାରିବାକୁ ପଡିଥିଲା।




କିନ୍ତୁ ଆଜି ଇଟାଲୀ ବିପକ୍ଷ ମ୍ୟାଚ୍‌ରେ ସ୍କଟଲ୍ୟାଣ୍ଡ ଉଭୟ ବ୍ୟାଟିଂ ଓ ବୋଲିଂରେ ଦମଦମାର ପ୍ରଦର୍ଶନ କରି ଚମତ୍କାର ବିଜୟ ହାସଲ କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ସ୍କଟଲ୍ୟାଣ୍ଡ ପାଇଁ ଦୁଇ ଓପନର ଜର୍ଜ ମୁନସୀ ଓ ମାଇକେଲ ଜୋନ୍ସ ଦମଦାର ବ୍ୟାଟିଂ କରିଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ୧୨୬ ରନ ଯୋଡି ଇଟାଲୀକୁ ଆରମ୍ଭରୁ ହିଁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ମୁନସୀ ୫୪ ବଲରେ ୮୪ ରନ କରିଥିବା ବେଳେ ତାଙ୍କ ବ୍ୟାଟରୁ ବାହାରିଛି ୧୩ଟି ଚୌକା ଓ ୨ଟି ବିଶାଳ ଛକା। ସେହିପରି ଜୋନ୍ସ ୨ଟି ଛକା ଓ ଗୋଟିଏ ଚୌକା ବଲରେ ୩୭ ରନ କରିଛନ୍ତି।

ଅଲରାଉଣ୍ଡର ବ୍ରାଣ୍ଡନ ମ୍ୟାକମୁଲାନ ୧୮ ବଲରେ ଅପରାଜିତ ୪୧ ରନ, ଅଧିନାୟକ ରିଚ୍ଚି ବେରିଙ୍ଗଟନ ୧୧ ବଲରେ ୧୫ ଓ ଶେଷ ଭାଗରେ ମାଇକେଲ ଲିସ୍କ ୫ ବଲରେ ୨୨ ରନର ଅପରାଜିତ ଇନିଂସ ଖେଳିବାରୁ ସ୍କଟଲ୍ୟାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୦୭ ରନ କରିଥିଲା। ଚଳିତ ବିଶ୍ୱକପରେ ଏହା ବର୍ତ୍ତମାନ ସୁଦ୍ଧା ସର୍ବୋଚ୍ଚ ଦଳଗତ ସ୍କୋର। ଇଟାଲୀ ପକ୍ଷରୁ ଅଲୀ ହାସନ, ଗ୍ରାଣ୍ଟ ସେଟୱାର୍ଟ, ଥୋମାସ ଡାରକା ଓ ଜେଜେ ସ୍ମୁଟ୍ସ ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି।

ବିଶ୍ୱକପର ଡେବ୍ୟୁ ମ୍ୟାଚ୍‌ରେ ବିଶାଳ ୨୦୮ ରନର ପିଛା କରୁଥିବା ଇଟାଲୀ ପ୍ରଥମ ବଲରେ ହିଁ ଜଷ୍ଟିନ ମୋସ୍କାଙ୍କୁ ହରାଇଥିଲା। ଲିସ୍କ ତାଙ୍କୁ ଆଉଟ କରିଥିଲେ। ଆନ୍‌ଥୋନୀ ମୋସ୍କା ୧୩ ଓ ଜେଜେ ସ୍ମୁଟ୍ସ ୧୧ ବଲରେ ୨୨ ମଧ୍ୟ ବେଶୀ କିଛି କରିପାରି ନଥିଲେ। ତେବେ ମଧ୍ୟକ୍ରମରେ ହ୍ୟାରୀ ମାନେଣ୍ଟି ଓ ବେନ ମାନେଣ୍ଟି ସ୍ଥିତି ସମ୍ଭାଳି ଦଳୀୟ ସ୍କୋରକୁ ୧୦୦ ପାର କରାଇଥିଲେ।

ଏପରି କି ବେନଙ୍କ ବ୍ୟାଟରୁ ଅର୍ଦ୍ଧଶତକ ମଧ୍ୟ ଦେଖିବାକୁ ମିଳିଥିଲା। ସେ ୩୧ ବଲରେ ୫୨ ଓ ହ୍ୟାରୀ ୨୫ ବଲରେ ୩୭ ରନ କରି ଆଉଟ ହେବା ପରେ ଇଟାଲୀର ବ୍ୟାଟିଂ ଲାଇନ ଅପ ତାସର ଘର ପରି ଭୁଶୁଡି ପଡିଥିଲା।

ଗ୍ରାଣ୍ଟ ସେଟୱାର୍ଟ ୨ ରନ, ୱିକେଟ କିପର ଜିଆନ ମେଆଡ ୦, ଥୋମାସ ଡ୍ରାକା କେବଳ ୨ ରନ କରିବାକୁ ସକ୍ଷମ ହୋଇଥିଲେ। ୧୬ ଓଭର ସୁଦ୍ଧା ଇଟାଲୀ ୮ ୱିକେଟ ହରାଇ କେବଳ ୧୩୩ ରନ କରି ପାରିଥିଲା। ତେବେ ୧୭ତମ ଓଭର ବୋଲିଂ କରିବାସୁ ଆସିଥିବା ବ୍ରାଡ ହ୍ୱିଲ ୪ର୍ଥ ବଲରେ ଖାତା ଖୋଲିବା ପୂର୍ବରୁ ଅଲୀ ହାସନଙ୍କୁ ଆଉଟ କରି ଇଟାଲୀ ଇନିଂସକୁ ୧୩୪ ରନରେ ଶେଷ କରି ଦେଇଥିଲେ।ଫିଲ୍ଡିଂ ବେଳେ ଆହତ ହୋଇଥିବା ଇଟାଲୀ ଅଧିନାୟକ ୱୟନେ ମାଡସେନ ଆଜିର ମ୍ୟାଚ୍‌ରେ ବ୍ୟାଟିଂ କରିବାକୁ ସକ୍ଷମ ହୋଇ ନାହାନ୍ତି। ସ୍କଟଲ୍ୟାଣ୍ଡ ପକ୍ଷରୁ ମାଇକେଲ ଲିସ୍କ ସର୍ବାଧିକ ୪ ୱିକେଟ ନେଇଥିବା ବେଳେ ମାର୍କ ୱାଟ ୨ଟି, ବ୍ରାଡ କୁରିଏ, ବ୍ରାଡ ହ୍ୱିଲ ଓ ଓଲିଭର ଡାଭିସନ ଗୋଟିଏ ଲେଖାଏ ୱିକେଟ ପାଇଛନ୍ତି।

## ସ୍ୱର୍ଣ୍ଣରୁ ବଞ୍ଚିତ ମନୁ, ଇଷାଙ୍କୁ ବ୍ରୋଞ୍ଜ



ନୂଆଦିଲ୍ଲୀ, ୯।୨: ଅଲିମ୍ପିକ ଡବଲ ବ୍ରୋଞ୍ଜ ପଦକ ବିଜେତା ମନୁ ଭାକର ନୂଆଦିଲ୍ଲୀଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ଅଳ୍ପକେ ସ୍ୱର୍ଣ୍ଣ ପଦକ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେ ୨୫ ମିଟର ପିସ୍ତଲ ଇଭେଣ୍ଟର ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ ଅଳ୍ପକେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ଜିତିଛନ୍ତି ଭାରତର ଇଶା ସିଂ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ଫାଇନାଲରେ ମନୁ ଏବଂ ସ୍ୱର୍ଣ୍ଣ ବିଜେତା ଏନ୍‌ଗୁୟେନ ଥୁଇ ଟ୍ରଙ୍ଗ୍‌ଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ଉଭୟେ ସମାନ ୩୫ ଅଙ୍କ ସ୍କୋର କରିଥିଲେ। ଫଳରେ ଶୁଟ୍ ଅଫ୍ ସହାୟତାରେ ବିଜେତା ନିର୍ଣ୍ଣୟ କରାଯାଇଥିଲା ଏଥିରେ ଭିଏତ୍ନାମ ଶୁଟର ବିଜୟୀ ହୋଇଥିଲେ ତୃତୀୟ ସ୍ଥାନ ଅଧିକାର କରିଥିବା ଇଶା ୩୦ ସ୍କୋର କରିଥିଲେ।

## ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିୟନସିପ୍ ଆରମ୍ଭ

ଭୁବନେଶ୍ୱର,୯।୨: କଟକ ବକ୍ସି ବଜାର ସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିୟନସିପ୍ – ୨୦୨୬ ଶୁଭାରମ୍ଭ ହୋଇ ଯାଇଛି । ଶ୍ରୀ ବିନୟତୋଷ ମିଶ୍ର ,ଆଇପିଏସ, ଡିଜିପି, କ୍ରାଇମବ୍ରାଂଚ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିବା ସହ ଏହି ଚାମ୍ପିୟନସିପ ଓଡିଶା ପୋଲିସର ଶୃଙ୍ଖଳା, ସଂଯମତା ଓ ସହନଶୀଳତାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। ଏହି ରାଜ୍ୟସ୍ତରୀୟ କ୍ରୀଡା ମାଧ୍ୟମରେ ଓଡ଼ିଶା ପୋଲିସର କାର୍ଯ୍ୟରତ କର୍ମଚାରୀମାନେ ନିଜ ଶାରୀରିକ ଓ ମାନସିକ ଦକ୍ଷତାକୁ ପ୍ରତିପାଦିତ କରିବାର ଏକ ସୁଯୋଗ ବୋଲି କହିଥିଲେ। ଏହାସହ ଚଳିତବର୍ଷ ପ୍ରତିଯୋଗିତାରେ ମହିଳା କ୍ରୀଡାବିତଙ୍କର ସଂଖ୍ୟା ପୂର୍ବ ଅପେକ୍ଷା ବୃଦ୍ଧିପାଉଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ବିଗତ ଦିନରେ ଓଡ଼ିଶା ପୋଲିସର କ୍ରୀଡ଼ାବିତମାନେ ଜାତୀୟ ଓ ଆନ୍ତର୍ଜାତୀୟ ପୋଲିସ କ୍ରୀଡା ପ୍ରତିଯୋଗିତାରେ ଅସାଧାରଣ ସଫଳତା ହାସଲ କରି ରାଜ୍ୟ ତଥା ପୋଲିସ ବିଭାଗର ଗୌରବ ବୃଦ୍ଧି କରିଛନ୍ତି। ଆଗାମୀ ଦିନରେ ଏହି ଚାମ୍ପିୟନସିପରୁ ସଫଳ ପ୍ରତିଯୋଗୀ ମାନେ ସର୍ବଭାରତୀୟ ପୋଲିସ ଅଥଲେଟିକ୍ ଚାମ୍ପିୟନସିପ ସହିତ ଅନ୍ୟାନ୍ୟ ବଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ପୋଲିସକୁ ଗର୍ବିତ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏଭଳି ଚାମ୍ପିୟନସିପ ପୋଲିସ ଅଧିକାରୀ/ କର୍ମଚାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି, ଅନୁଶାସନ ତଥା କର୍ତ୍ତବ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ବୃଦ୍ଧି ପାଇଥାଏ ବୋଲି ଡିଜିପି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ । ରାଜ୍ୟ, ଜିଲ୍ଲା, ରେଞ୍ଜ ସ୍ତରର ଖେଳାଳିମାନେ ଏହି ଟୁର୍ଣ୍ଣାମେଂଟରେ ସାମିଲ ହୋଇଥିବାରୁ ପରସ୍ପର ମଧ୍ୟରେ ଉତ୍ତମ ସମ୍ପନ୍ୱୟ ସୃଷ୍ଟିହେବ ବୋଲି ମଧ୍ୟ ସେ ମତବ୍ୟକ୍ତ କରିଥିଲେ।

## ଜିମ୍ବାୱେର ଏକତରଫା ବିଜୟ

କଲମ୍ବୋ,୯।୨: ଟି-୨୦ ବିଶ୍ୱକପ ୨୦୨୬ ଅଭିଯାନ ବିଜୟରୁ ଆରମ୍ଭ କରିଛି। ସିକନ୍ଦର ରାଜାଙ୍କ ଜିମ୍ବାୱେ ଆଜି କଲମ୍ବୋରେ ଖେଳା ଯାଉଥିବା ନିଜର ପ୍ରଥମ ମୁକାବିଲାରେ ଜିମ୍ବାୱେ ଏକତରଫା ଭାବେ ଓମାନକୁ ହରାଇ ଦେଇଛି। ପ୍ରଥମେ ବୋଲିଂ କରି ଓମାନକୁ ମାତ୍ର ୧୦୩ ରନରେ ଅଲଆଉଟ କରି ଦେଇଥିଲା ଜିମ୍ବାବେ ଏହାପରେ ୧୩.୩ ଓଭରରେ ଦଳ ମାତ୍ର ୨ ୱିକେଟ ହରାଇ ବିଜୟ ଟାର୍ଗେଟକୁ ହାସଲ କରି ନେଇଛି।

ଜିତିବା ପାଇଁ ମାତ୍ର ୨ ରନ ଦରକାର ଥିବା ବେଳେ ଚୌକା ମାରି ଅଧିନାୟକ ରାଜା ବିଜୟ ମୁଣ୍ଡି ମାରିଛନ୍ତି ତେବେ ବୋଲିଂରେ କମାଲ କରିଥିବା ଦ୍ରୁତ ବୋଲର ବ୍ଲେସିଂ ମୁଜରବାନି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଜିତିଛନ୍ତି। ସେ ୪ ଓଭରରେ ମାତ୍ର ୧୬ ରନ ଦେଇ ଓମାନର ୩ ବ୍ୟାଟରଙ୍କୁ ଆଉଟ କରିଥିଲେ।



ଟସ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଓମାନ ଆରମ୍ଭରୁ ହିଁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଦଳର ପ୍ରଥମ ୫ ବ୍ୟାଟର ଦୁଇ ଅଙ୍କ ଛୁଇଁବାକୁ ସକ୍ଷମ ହୋଇ ନଥିଲେ ଆମୀର କମଲୀନ ୫ ରନ, ଅଧିନାୟକ ଜତିନ୍ଦର ସିଂହ ୫, ହାମଦ ମିର୍ଜା ୦, କରନ ସୋନାଭାଲେ ୦ ଓ ସିମ ଅଲୀ କେବଳ ୩ ରନ କରିବାକୁ ସକ୍ଷମ ହୋଇଥିଲେ। ପ୍ରଥମ ୫ ୱିକେଟରୁ ମୁଜରବାନି ୩ଟି, ରିଚ୍ଚର୍ଡ ନାଗରଭା ଓ ସିକନ୍ଦର ରାଜା ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ୨୭ ରନରେ ଓମାନ ୫ ୱିକେଟ ହରାଇ ସଂଘର୍ଷ କରୁଥିବା ବେଳେ ସୁଫୟାନ ମେହମୁଦ ଓ ବିନାୟକ ଶୁକ୍ଲା ସ୍ଥିତି ସମ୍ଭାଳି ଦଳୀୟ ସ୍କୋରକୁ ୬୯ ରନରେ ପହଞ୍ଚାଇଥିଲେ। ଏତିକି ବେଳେ ୨୧ ବଲରେ ୨୮ ରନ କରିଥିବା ଶୁକ୍ଳାଙ୍କୁ ନାଗରଭା ଆଉଟ କରି ଓମାନକୁ ୬ଷ୍ଠ ଝଟକା ଦେଇଥିଲେ ସମାନ ଓଭରର ଶେଷ ବଲରେ ଜିତେନ ରାମାଣ୍ଡି(୧) ମଧ୍ୟ ନାଗରଭାଙ୍କ ଶିକାର ବନିଥିଲେ ।ଦଳୀୟ ସ୍କୋର ୭୬ ଥିବା ବେଳେ ସୁଫୟାନ ମଧ୍ୟ ୨୫ ରନ କରି ବ୍ରାଡ ଇଭାନ୍ସଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ ଶେଷ ଭାଗରେ ନଦୀମ ଖାନ ୨୦ ରନ କରିବାରୁ ଓମାନ ବହୁତ କଷ୍ଟରେ ୧୦୦ ରନ ପାର କରିଥିଲା ତାଙ୍କୁ ଇଭାନ୍ସ ୧୯.୫ ଓଭରରେ ଆଉଟ ଓମାନ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ ଏହାପୂର୍ବରୁ ଶକୀଲ ଅହମଦଙ୍କୁ ମଧ୍ୟ ଇଭାନ୍ସ କ୍ଲିନବୋଲ୍ଡ କରିଥିଲେ। ଜିମ୍ବାୱେ ପକ୍ଷରୁ ମୁଜରବାନି, ନାଗରଭା ଓ ଇଭାନ୍ସ ୩ଟି ଲେଖାଏ ୱିକେଟ ନେଇଥିବା ବେଳେ ରାଜାଙ୍କୁ ଗୋଟିଏ ସଫଳତା ମିଳିଛି।

୧୦୪ ରନର ପିଛା କରିବାକୁ ଓହ୍ଲାଇଥିବା ଜିମ୍ବାୱେ ଆରମ୍ଭରୁ ଆଟାକିଂ ଶଟ ଖେଳିଥିଲା ଟି ମରୁମାନି ଓ ବ୍ରାଏନ ବେନ୍ନେଟ୍ଟ ଦ୍ରୁତଗତିରେ ରନ ସଂଗ୍ରହ କରିଥିଲେ। ତେବେ ଦଳୀୟ ସ୍କୋର ୩୦ ଥିବା ବେଳେ ମରୁମାନି ୧୧ ବଲରେ ୧୧ ରନ କରି ସୁଫୟାନଙ୍କ ବଲରେ ଆଉଟ ହୋଇଥିଲେ ଏହାର ଗୋଟିଏ ବଲ ପରେ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ ଡିଓନ ମେୟର୍ସ। ଲଗାତର ଦୁଇଟି ୱିକେଟ ହରାଇଥିବା ଜିମ୍ବାକୁ ଏତିକି ବେଳେ ସମ୍ଭାଳିଥିଲେ ବେନ୍ନେଟ୍ଟ ଓ ଅଭିଜ୍ଞ ବ୍ରେଣ୍ଡନ ଟେଲର ଉଭୟ ଦମଦାର ବ୍ୟାଟିଂ କରି ତୃତୀୟ ୱିକେଟ ପାଇଁ ୫୬ ବଲରେ ୬୮ ରନ ଯୋଡ଼ିଥିଲେ। ତେବେ ଦଳକୁ ଜିତିବା ପାଇଁ ମାତ୍ର ୬ ରନ ଦରକାର ଥିବା ବେଳେ ବ୍ୟକ୍ତିଗତ ୩୧ ରନ କରି ରିଟାର୍ଡ ହର୍ଟ ହୋଇଥିଲେ। ଟେଲର ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ରାଜାଙ୍କ ସହ ମିଶି ବେନ୍ନେଟ୍ଟ ବାକି ରନ ହାସଲ କରି ନେଇଥିଲେ ।

ଦଳକୁ ଜିତିବାକୁ ୨ ରନ ଦରକାର ଥିବା ବେଳେ ସିକନ୍ଦର ରାଜା ଚୌକା ମାରି ଜିମ୍ବାକୁ ୮ ୱିକେଟରେ ବିଜୟ ଭେଟି ଦେଇଥିଲେ ବେନ୍ନେଟ୍ଟ ଶେଷ ଯାଏ ୪୮ ରନ ଓ ରାଜା ୨ ବଲରେ ୫ ରନ କରି ଅପରାଜିତ ରହିଥିଲେ।

## ବ୍ୟାଟ୍ ଛାଡ଼ି ବହି ଧରିଲେ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ,୯।୨: ପୁଣି ଚର୍ଚ୍ଚାରେ ଭାରତୀୟ କ୍ରିକେଟର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ। ଏହି ୱଣ୍ଡର କିଡ ନିଜର ବ୍ୟାଟିଂ ପାଇଁ ବେଶ ପରିଚିତ। ୧୪ ବର୍ଷ ବୟସରେ ତାଙ୍କ ବିସ୍ଫୋରକ ବ୍ୟାଟିଂ ପୂରା ବିଶ୍ୱରେ ଚହଳ ପକାଇଛି। ନିକଟରେ ଶେଷ ହୋଇଥିବା ଅଣ୍ଡର ୧୯ ବିଶ୍ୱକପରେ ସୂର୍ଯ୍ୟବଂଶ ଜିତିଥିଲେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର।



ଇଂଲଣ୍ଡ ବିପକ୍ଷ ଫାଇନାଲରେ ତାଙ୍କ ବ୍ୟାଟରୁ ବାହାରିଥିଲା ରେକର୍ଡ ୮୦ ବଲରେ ୧୭୫ ରନ। ଭାରତ ମଧ୍ୟ ବିଶ୍ୱ ବିଜେତା ହୋଇଥିଲା। କିନ୍ତୁ ଏବେ ତାଙ୍କ ବ୍ୟାଟିଂରେ ଲାଗିପାରେ ବ୍ରେକ। କ୍ରିକେଟ୍(ଉଲ୍ଲସମଳରଷ୍ପ) ପଡ଼ିଆରେ ନିଜର ବିସ୍ଫୋରକ ବ୍ୟାଟିଂରେ ସାରା ବିଶ୍ୱକୁ ଚମକାଇ ଦେଉଥିବା ବିହାରର ସମସ୍ତିପୁରର ଏ ଉଦୀୟମାନ ତାରକା ଏବେ ଏକ ନୂଆ ପିଚ୍‌ରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ହେଉଛନ୍ତି।

୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ୍‌ରେ ଦମଦାର ପ୍ରଦର୍ଶନ କରିଥିଲେ ବୈଭବ। ଆଉ ସେ ଇନିଂସ୍‌ର ପ୍ରତିଧ୍ୱନି ଏବେ ବି ସମଗ୍ର କ୍ରିକେଟ ଜଗତରେ ଗୁଞ୍ଜରିତ ହେଉଛି। ତେବେ ଅଣ୍ଡର-୧୯ ବିଶ୍ୱକପ ମ୍ୟାଚ୍ ପରେ ଚର୍ଚ୍ଚାରେ ଥିବା ସୂର୍ଯ୍ୟବଂଶୀଙ୍କ କ୍ରିକେଟ ଇନିଂସରେ ଏବେ କିଛିଦିନ ପାଇଁ ପଡ଼ିବ ଯବନିକା। କାରଣ କ୍ରିକେଟ ଛାଡି ସେ ଏବେ ପାଠପଢ଼ା ଉପରେ ଫୋକସ କରିଛନ୍ତି। ଆଗକୁ ସିବିଏସଇ ୧୦ମ ବୋର୍ଡ ପରୀକ୍ଷା ଆସୁଛି। ଏଥିପାଇଁ ସୂର୍ଯ୍ୟବଂଶୀ ନିଜର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଦିନେ ମୈଦାନରେ ଏହି ୧୪ ବର୍ଷୀୟ କ୍ରିକେଟ୍ ଖେଳାଳି ଶ୍ରେଷ୍ଠ ବୋଲରମାନଙ୍କ ଝାଳ ବୁହାଉଥିଲେ। ଏବେ କିନ୍ତୁ ସେ ତାଙ୍କ ସବୁ ସମୟ ପାଠପଢ଼ାକୁ ଦେବାକୁ ମନସ୍ଥ କରିଛନ୍ତି। ସମସ୍ତିପୁରର ତାଜପୁରରେ ଥିବା ଡକ୍ଟର ମୁକ୍ତଶ୍ୱର ସିହ୍ନା ମୋଡେଷ୍ଟି ସ୍କୁଲର ଛାତ୍ର ହେଉଛନ୍ତି ବୈଭବ ସୂର୍ଯ୍ୟବଂଶୀ। ଚଳିତବର୍ଷ ମାଟ୍ରିକ ପରୀକ୍ଷା ପାଇଁ ସିବିଏସ ବୋର୍ଡ ପ୍ରବେଶପତ୍ର ଜାରି କରିଛି। ଆସନ୍ତା ୧୭ତାରିଖରୁ ଆରମ୍ଭ ହେବାକୁ ଯାଉଛି ସିବିଏସ ୧୦ମ ବୋର୍ଡ ପରୀକ୍ଷା। ଯାହା ମାର୍ଚ୍ଚ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଏହା ପୂର୍ବରୁ ବୈଭବଙ୍କ ଆବେଦନ ଫର୍ମ ପୂରଣ କରିବା ସମେତ ସମସ୍ତ ପ୍ରଶାସନିକ ପ୍ରକ୍ରିୟା ସଫଳତାର ସହ ସମାପ୍ତ ହୋଇଛି। ବୈଭବଙ୍କ ଆଡମିଟ୍ କାର୍ଡରେ ପରୀକ୍ଷା କେନ୍ଦ୍ର, ରୋଲ୍ ନମ୍ବର ଓ ରିପୋର୍ଟିଂ ସମୟ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ରହିଛି। ତାଙ୍କ ବାପା ସଞ୍ଜୀବ ସୂର୍ଯ୍ୟବଂଶୀ ଓ ତାଙ୍କ ସମଗ୍ର ପରିବାର ବୈଭବଙ୍କ କ୍ରିକେଟ୍ କ୍ୟାରିୟର ପ୍ରତି ଯେତିକି ଗୁରୁତ୍ୱ ଦେଉଛନ୍ତି ତାଙ୍କ ଶିକ୍ଷାଗତ ଯାତ୍ରା ପ୍ରତି ମଧ୍ୟ ସେତିକି ଧ୍ୟାନ ଦେଉଛନ୍ତି। ତେଣୁ ସେ ଏବେ ଖେଳ ଛାଡି ପାଠପା ଆରମ୍ଭ କରିଛନ୍ତି।

କୁହାଯାଉଛି ବିହାରର ସୁନା ପୁଅ ବୈଭବଙ୍କ ପାଇଁ ଚଳିତ ଫେବୃଆରୀ ଓ ମାର୍ଚ୍ଚ ମାସ ଅତ୍ୟନ୍ତ ବ୍ୟସ୍ତବହୁଳ ହେବାକୁ ଯାଉଛି। ବର୍ତ୍ତମାନ ଟି-୨୦ ବିଶ୍ୱକପ୍ ଚାଲିଛି। ତେଣୁ ପରୀକ୍ଷା ପ୍ରସ୍ତୁତି ଯୋଗୁ ସେ ମ୍ୟାଚ୍ ଗୁଡ଼ିକୁ ସେତେ ଉପଭୋଗ କରିପାରିବେ ନାହିଁ। ଏହା ବ୍ୟତୀତ ପରୀକ୍ଷା ପରେ ଆଇପିଏଲ ମଧ୍ୟ ଆରମ୍ଭ ହେବ। ତେଣୁ ସେ ତାଙ୍କର କ୍ରିକେଟ ଖେଳିବା ଅଭ୍ୟାସକୁ ସମ୍ପୂର୍ଣ୍ଣ ଛାଡିପାରିବେ ନାହିଁ।ତାଙ୍କୁ ଉଭୟ ପାଠପଢ଼ା ଓ କ୍ରିକେଟ ଖେଳ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ପଡିବ। କ୍ରିକେଟରେ ବର୍ତ୍ତମାନ ସୁଦ୍ଧା ସୂର୍ଯ୍ୟବଂଶୀ ଅନେକ ସଫଳତା ପାଇଛନ୍ତି। ସମାନ ସଫଳତା ତାଙ୍କୁ ୧୦ମ ବୋର୍ଡ ପରୀକ୍ଷାରେ ମିଳୁଛି କି ନାହିଁ, ତା' ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ